**ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଏମ୍ପି**

ଚିତ୍ରକୋଣ୍ଡା, (ଡି.ଏନ୍.ଏ.)- ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମାଲକାନଗିରି ଜିଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲ, ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ଜୋନ୍-୧ ଜିଲା ପରିଷଦ ସଭ୍ୟା ବିନତୀ ଖିଲ, ବିଡିଓ ରଘୁନାଥ ମୁଣ୍ଡାରୀ, ତହସିଲଦାର ଟି.ପଦ୍ମନାଭ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଭିମାନ ଅଞ୍ଚଳ ଯନ୍ତ୍ରୀ, ଅଣ୍ଡିରାପାଲି ଓ ପଣସପୁଟ ପଞ୍ଚାୟତରୁ ଆସିଥିବା ସମସ୍ୟା ସମାଧାନ କରି ନେଇ ଆଲୋଚନା ହୋଇଥିଲା। ଜୋନ୍-୧ ଚିତ୍ରକୋଣ୍ଡାରୁ ଆଲୁରକୋଟା ପର୍ଯ୍ୟନ୍ତ ଉତ୍ତମ ରାସ୍ତା , ମାଲକାନଗିରିରୁ ଆଲୁରକୋଟା ପର୍ଯ୍ୟନ୍ତ ସରକାରୀ ବସ ସେବା, ଦୋରାଗୁଡାରେ ନୂତନ ଡାକ୍ତରଖାନା, କଲେଜ ତିଆରି ଉପରେ ଗୁରୁତ୍ୱ ଦିଆଯାଇଛି।

## ସଂକ୍ଷେପରେ

### ନନ୍ଦପୁରରେ ଗାଡ଼ିମୋଟର ଯାଞ୍ଚ

ନନ୍ଦପୁର,୯।୫(ଡି.ଏନ.ଏ.)-ନନ୍ଦପୁର ପୋଲିସ ତରଫରୁ ମଙ୍ଗଳବାର ଗାଡ଼ିମୋଟର ଯାଞ୍ଚ କରାଯାଇ ୩୭ ଜଣଙ୍କୁ ଜରିମାନା କରାଯାଇଛି। ଏମାନଙ୍କଠାରୁ ୪୦ ହଜାର ଟଙ୍କାରୁ ଅଧିକ ଜରିମାନା ଆଦାୟ ହେବ ବୋଲି ସୂଚନା ମିଳିଛି। ହେଲମେଟ ପିନ୍ଧି ନ ଥିବା, ସିଟ ବେଲ୍ଟ ବାନ୍ଧି ନଥିବା ଅମାନିଆଙ୍କୁ ଜରିମାନା ଦେବାକୁ ପଡିଛି। ଜରିମାନା ଅନଲାଇନରେ ଆଦାୟ ହେବ ବୋଲି ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା ସୂଚନା ଦେଇଛନ୍ତି। ଏଏସଆଇ ଲୋକେଶ ରାଓ ଓ ଏଏସଆଇ ନରେନ୍ଦ୍ର ଭତ୍ରାଙ୍କ ନେତୃତ୍ୱରେ ଯାଞ୍ଚ ହୋଇଥିଲା।

### ପୁଷ୍ପା-୨ର ଶୁଟିଂ ପାଇଁ ସେଟ୍ ପହଞ୍ଚିଲା

ମାଲକାନଗିରି,୯।୫(ଡି.ଏନ୍.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ପାଲୁରୁ ଅଞ୍ଚଳରେ ଚଳଚ୍ଚିତ୍ର ପୁଷ୍ପା-୨ର ଦ୍ୱିତୀୟ ଭାଗ ଶୁଟିଂ ପାଇଁ ସିନେମା ସେଟ୍ ଆସି ପହଞ୍ଚିଛି। ଶୁଟିଂ ଲାଗି ଟିମ୍ ପକ୍ଷରୁ ନକଲି ଚନ୍ଦନକାଠ, ଗଛ, ଷ୍ଟେଜ୍ ଆଦି ବିଭିନ୍ନ ସାମଗ୍ରୀ ଆସିଥିବା ଜଣାପଡ଼ିଛି। ଏହି ସାମଗ୍ରୀଗୁଡିକୁ ଶୁଟିଂ ସମୟରେ ବ୍ୟବହାର କରାଯିବ। ପୂର୍ବରୁ ମାଲକାନଗିରି ଜିଲାରେ ଏହି ଚଳଚ୍ଚିତ୍ର ଶୁଟିଂ ପାଇଁ ନିର୍ଦ୍ଦେଶକ ଓ ତାଙ୍କ ଟିମ୍ ସ୍ଥାନ ନିରୂପଣ କରିଥିଲେ।

### ଭାରତମାଲା ପ୍ରକଳ୍ପରୁ ଚୋରି ଘଟଣା, ୪ ଗିରଫ

କୋଡିଙ୍ଗା,୯।୫(ଡି.ଏନ୍.ଏ.)-ଭାରତମାଲା ପ୍ରକଳ୍ପରେ ରାୟପୁର-ବିଶାଖାପାଟଣାକୁ ଯୋଡୁଥିବା ରାସ୍ତା ନିର୍ମାଣ ଚାଲିଥିବା ବେଳେ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଡେଙ୍ଗାଗୁଡା କ୍ୟାମ୍ପ ନିକଟରୁ ଲୁହାଛଡ଼ ଚୋରି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଛାଲିପିଟା ଗ୍ରାମର ମୁଲିଆ ମିଗାନ ଓରଫ ବାବୁଲାଲ, ପଙ୍ଗାଲଗୁଡା ଗ୍ରାମର ବାବୁଲା ହରିଜନ ଓରଫ ପିଣ୍ଟୁ, ପଙ୍ଗାଲଗୁଡା ଗ୍ରାମର ତ୍ରିନାଥ ହରିଜନ ଓ ଭଣ୍ଡାରିଗୁଡା ଗ୍ରାମର ଅନନ୍ତ ହରିଜନ । ପ୍ରକାଶ ଯେ, ଭାରତମାଲା ପ୍ରକଳ୍ପ ଡେଙ୍ଗାଗୁଡା କ୍ୟାମ୍ପ ନିକଟରୁ ଗତ ୨୩ ତାରିଖରେ ଲୁହାଛଡ଼, ମୋବାଇଲ ଫୋନ ଓ ଫ୍ଲାସ ଲାଇଟ ଚୋରି ହେଉଥିଲା । ଏନେଇ ଏମ.ବି.ପି.ଏଲ. ଠିକା ସଂସ୍ଥା କୋଡିଙ୍ଗା ଥାନାରେ ଏତଲା ଦେଇଥିଲେ। ଘଟଣା ନେଇ କୋଡିଙ୍ଗା ଥାନାରେ ୧୦୪/୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା । ପୋଲିସ ବିଶେଷ ସୂତ୍ରରୁ ଖବରପାଇ ସୋମବାର ୪ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କଠାରୁ ୪ଟି ମୋବାଇଲ ଫୋନ୍ ଏବଂ ଗୋଟିଏ ଫ୍ଲାସ ଲାଇଟ ଉଦ୍ଧାର କରାଯାଇଥିବା ପାପଡାହାଣ୍ଡି ଏସଡିପିଓ ଆଦିତ୍ୟ ସେନ ସୂଚନା ଦେଇଛନ୍ତି ।

### ବୁଥସ୍ତରୀୟ କମିଟି ଗଠନ ନେଇ ବିଜେଡିର ବୈଠକ

ମାଲକାନଗିର,୯।୫ (ଡି.ଏନ୍.ଏ.)- ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ଜୋନ-୩ରେମଙ୍ଗଳବାର ଜିଲା ବିଜୁ ଜନତା ଦଳ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ବୁଥସ୍ତରୀୟ କମିଟି ଗଠନ ଲାଗି ନିଷ୍ପତ୍ତି ହୋଇଛି। ଜୋନ-୩ କୋର୍ଡିନେଟର ସର୍ବ କୁମାର ବିଶୋୟୀ, ଅବଜରଭର ବାଲିଙ୍ଗି ରାଓ, ମାନି ସାମନ୍ତରାୟ, ବ୍ଲକ ଅଧକ୍ଷ ମହେଶ ବାକା, ଜିଲା ପରିଷଦ ସଦସ୍ୟା ସସ୍ମିତା ମାଝୀ, ଲକ୍ଷ୍ମୀପ୍ରିୟା ନାୟକ, ଚକ୍ରଧର ମିଶ୍ର, ମାଥିଲି ସରପଞ୍ଚ, ଚାଉଳମେଣ୍ଡି ସରପଞ୍ଚଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅଞ୍ଚଳରେ ବିଜୁ ଜନତା ଦଳକୁ କିପରି ଆହୁରି ଅଧିକ ସୁଦୃଢ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା।

# ସମୀକ୍ଷା, ବୈଠକରେ ସୀମିତ ରେଡକ୍ରସ ଦିବସ

ରାୟଗଡ଼ା ଅଫିସ,୯।୫

ରାୟଗଡାରେ ସୋମବାର ବିଶ୍ୱ ରେଡକ୍ରସ ଦିବସ ପାଳନ କରା ନ ଯାଇ ମଙ୍ଗଳବାର ପାଳନ କରାଯାଇଛି। ତାହା ପୁଣି କୌଣସି ଗଣମାଧ୍ୟମକୁ ନ ଜଣାଇ ଚିନ୍ତନ କକ୍ଷଠାରେ ତରବରିଆ ଭାବେ ପାଳନ କରାଯାଇଛି। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଛନ୍ତି। ଜିଲାର ଅସହାୟ, ଗରିବଙ୍କ ବିଭିନ୍ନ ଆବଶ୍ୟକତା ପୂରଣ ଓ ରକ୍ତର ଅଭାବ ନ ହେବା, ନିୟମିତ ବ୍ୟବଧାନରେ ସେବା ଯୋଗାଇ ଦେବା, ଦୁର୍ବିପାକ ହେଉ କିମ୍ବା ଆକସ୍ମିକ ଦୁର୍ଘଟଣାରେ ଆହତମାନଙ୍କ ଆଶୁ ଚିକିତ୍ସା



ମଞ୍ଚାସୀନ ଅଧିକାରୀମାନେ।

ନିମନ୍ତେ ଆର୍ଥିକ ସହାୟତା କରିବା ଓ ଆହତ ବ୍ୟକ୍ତି ମାନଙ୍କ ଚିକିତ୍ସା ନିମନ୍ତେ ରକ୍ତ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ରକ୍ତଦାନ ଶିବିର ଆୟୋଜନ କରିବା ରେଡକ୍ରସର ଉଦେଶ୍ୟ। ଏହି ସହାୟତା ପାଇଁ ଅନେକ ସମୟରେ ଜିଲାପାଳଙ୍କ ପାଖକୁ ଆସୁଥିବା ନଜରକୁ ଆସେ । ଜିଲା ଜରୁରୀ କାଳୀନ ବିଭାଗ ଏ ନେଇ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଛି। ରକ୍ତଦାନ ପାଇଁ ଲୋକଙ୍କୁ ସଚେତନ କରିବା ମଧ୍ୟ ଏକ ପ୍ରକାର ଠପ ହେଇଯାଇଛି। କ୍ଲବଗୁଡିକ ମାଧ୍ୟମରେ କିଭଳି ଅଧିକରୁ ଅଧିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି । ବୈଠକରେ ଜିଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଦିନକ ପରେ ରେଡକ୍ରସ ଦିବସ ପାଳନ ନେଇ ଜିଲା ଜରୁରୀ କାଳୀନ ଅଧିକାରୀ ସୂର୍ଯ୍ୟମଣି ଭୋଇଙ୍କୁ ପଚାରିବାରେ ସେ କହିଛନ୍ତି, ସୋମବାର ଗୁଡ଼ାରି ବ୍ଲକରେ ଜନଶୁଣାଣି କାଯ୍ୟକ୍ରମ ଥିଲା। ସବୁ ଅଧିକାରୀ ସେଠାରେ ଉପସ୍ଥିତ ଥିବାରୁ ସୋମବାର ରେଡକ୍ରସ ଦିବସ ପାଳନ ହୋଇ ପାରି ନ ଥିଲା ବୋଲି କହିଛନ୍ତି।

# ରାୟଗଡ଼ା ଜିଲା ସୀମାରେ ଫୋର୍ସ ମୁତୟନ

ରାୟଗଡ଼ା,୯।୫(ସ୍ୱ.ପ୍ର.)

**ଲୁଡେ଼ନଗଡ଼ ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ**

କଳାହାଣ୍ଡି ଜିଲା ଲୁଡେନଗଡ ଜଙ୍ଗଲରେ ପୋଲିସ ଓ ମାଓବାଦୀ ଗୁଳି ବିନିମୟ ପରେ ରାୟଗଡ଼ା ଜିଲାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ବିଭିନ୍ନ ମାଓବାଦୀ ପ୍ରବଣ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ସୀମାନ୍ତ ଅଞ୍ଚଳରେ ଗୁଳି ବିନିମୟ ପରେ କିଛି ଆହତ ମାଓବାଦୀ ନିଜର ସୁରକ୍ଷା ଓ ଚିକିତ୍ସା ପାଇଁ ରାୟଗଡ଼ା ଜିଲା ଭିତରକୁ ଆସିଯିବା ଅଧିକ ସମ୍ଭାବନା ରହିଛି। ତେଣୁ ପୋଲିସ କଡା ସତର୍କତା ଅବଲମ୍ବନ କରୁଥିବା ସୂଚନା ମିଳିଛି। ଗୋଇନ୍ଦା ବିଭାଗ ପକ୍ଷରୁ ମଧ୍ୟ ସେଭଳି କିଛି ତଥ୍ୟ ଜିଲା ପୋଲିସ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି। ଏହାପରେ ଜିଲାରେ ଥିବା ଡିଭିଏଫ, ଏସ୍ଓଜି, ସିଆର୍ପିଏଫ ଓ ବିଏସ୍ଏଫ ଯବାନଙ୍କୁ କୋମ୍ବିଂ ଅପରେଶନ ପାଇଁ ପଠାଯାଇଛି। ମୁଖ୍ୟତଃ ଅମ୍ବାଦଳା ଓ ମୁନିଗୁଡ଼ା ଥାନା ସୀମା ଲୁଡେନଗଡ ଜଙ୍ଗଲଠାରୁ ଅଳ୍ପ ଦୂରରେ ଥିବାରୁ ସେସବୁ ଅଞ୍ଚଳ ଉପରେ ଯବାନମାନେ ଅଧିକ ଫୋକସ କରିଛନ୍ତି। ଏ ସମ୍ପର୍କରେ ରାୟଗଡ଼ା ଏସ୍ପି ଦାୟିତ୍ୱରେ ଥିବା କଳାହାଣ୍ଡି ଏସ୍ପି ଅଭିଳାଶ. ଜି କହିଛନ୍ତି, କଳାହାଣ୍ଡି ଘଟଣା ପରେ ରାୟଗଡ଼ା ଜିଲାରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ମାଓବାଦୀ କିଭଳି ରାୟଗଡ଼ା ଜିଲାକୁ ପ୍ରବେଶ ନ କରିବେ ସେଥିପାଇଁ ସୀମାରେ ଯବାନ ମୁତୟନ ହୋଇଛନ୍ତି। ସୁରକ୍ଷା କଡ଼ାକଡ଼ି କରାଯିବା ସହିତ ଗୋଇନ୍ଦା ସୂତ୍ରରୁ ଅଧିକ ତଥ୍ୟ ସଂଗ୍ରହ ଚାଲିଛି ବୋଲି ଏସ୍ପି ଅଭିଳାଶ କହିଛନ୍ତି।

# ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ, ଗର୍ଭବତୀ ହନ୍ତସନ୍ତ

ଟିକିରି,୯।୫(ଡି.ଏନ୍.ଏ.)

ରାୟଗଡା ଜିଲା କାଶୀପୁର ବ୍ଲକରେ ପୁଣି ଏକ ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ଗୋଡିବାଲି ପଞ୍ଚାୟତ ଗାଡାମୁହା ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇପାରି ନ ଥିଲା। ତେଣୁ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ଗର୍ଭବତୀଙ୍କୁ ଅନ୍ଧାର ରାତିରେ ନଦୀ ପାର କରି ଆମ୍ବୁଲାନ୍ସ ନିକଟକୁ ଆଣି ମେଡିକାଲକୁ ନିଆଯାଇଛି।


ଗର୍ଭବତୀଙ୍କୁ ବୋହି ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

ଗାଡାମୁହା ଗ୍ରାମର ପାରିୟା ମାଝିଙ୍କ ସ୍ତ୍ରୀ ରଞ୍ଜିତା ମାଝିଙ୍କ ସୋମବାର ପ୍ରସବ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସକୁ ଫୋନ ଯୋଗେ ଡକାଯାଇଥିଲା। ତେବେ ଗ୍ରାମକୁ ଯିବା ଲାଗି ରାସ୍ତା ନ ଥିବାରୁ ନଦୀ ପୂର୍ବରୁ ଆମ୍ବୁଲାନ୍ସ ଅଟକି ରହିଥିଲା । ଗ୍ରାମର କେତେଜଣ ଲୋକ ଅନ୍ଧାର ରାତିରେ ରଞ୍ଜିତାଙ୍କୁ ବୋହି ନଦୀ ପାର କରାଇ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ପରେ ତାଙ୍କୁ ପ୍ରଥମେ ଶିକରପାଇ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି । ଏଭଳି ଘଟଣା କାଶୀପୁର ବ୍ଲକରେ ବିଭିନ୍ନ ସମୟରେ ଦେଖିବାକୁ ମିଳୁଥିବା ବେଳେ ସମସ୍ୟା ସମାଧାନ ପାଇଁ ପ୍ରଶାସନ କି ସରକାରଙ୍କ କୌଣସି ଚିନ୍ତା ନାହିଁ।

# ଜିଲା ରାଜସ୍ୱ ବିଭାଗ କର୍ମଚାରୀଙ୍କ ବଦଳି

## ୬ ଆର୍ଆଇଙ୍କ ପଦୋନ୍ନତି

ରାୟଗଡ଼ା,୯।୫(ସ୍ୱ.ପ୍ର.)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶକ୍ରମେ ଜିଲାରେ ବିଭିନ୍ନ ସ୍ଥାନରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟରତ ଆରଆଇ, ଏଆରଆଇ, ବରିଷ୍ଠ ଓ କନିଷ୍ଠ କିରାଣି ଓ ଅମିନଙ୍କୁ ଜିଲାପାଳ ବଦଳି କରିଛନ୍ତି । ଗତ ୬ ତାରିଖରୁ ଜିଲାପାଳ ସ୍ୱାଧାଦେବ ସିଂ ଏହି ନିର୍ଦ୍ଦେଶନାମା କରିଥିବା ବେଳେ ମଙ୍ଗଳବାର ଗଣମାଧ୍ୟମର ହସ୍ତଗତ ହୋଇଛି । ୮ ଜଣ ସେକ୍ସନ ଅଫିସର, ୨୮ଜଣ ରାଜସ୍ୱ ନିରୀକ୍ଷକ, ୨୬ଜଣ ସହକାରୀ ରାଜସ୍ୱ ନିରୀକ୍ଷକ, ୬ଜଣ କନିଷ୍ଠ କିରାଣି, ୫୬ଜଣ ବରିଷ୍ଠ କିରାଣି ଓ ୧୨ ଜଣ ଅମିନଙ୍କୁ ଜିଲାର ବିଭିନ୍ନ ସ୍ଥାନକୁ ବଦଳି କରାଯାଇଥିବା ତାଲିକା ପ୍ରକାଶ ପାଇଛି। ସେହିପରି ୬ ଜଣ ଆର୍ଆଇଙ୍କୁ ରେଭିନ୍ୟୁ ସୁପରଭାଇଜର ଭାବେ ପଦୋନ୍ନତୀ ମିଳିଛି। ଜିଲାପାଳ ଗତ ୭ ତାରିଖରୁ ଛୁଟିରେ ରହିଥିବା କାରଣରୁ ପୂର୍ବଦିନ ଏହି ବଦଳି ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡ଼ିଛି । କେତେଜଣ କିରାଣି ବଦଳି ବାତିଲ କରିବା ପାଇଁ ଯୋଜନା କରୁଥିବା ଶୁଣାଯାଉଛି।

# ଅଧାଭଙ୍ଗା ହୋଇ ରହିଛି ଲୁହା ବିଦ୍ୟୁତ୍ ଖୁଣ୍ଟି

ନନ୍ଦାହାଣ୍ଡି, ୯।୫(ଡି.ଏନ୍.ଏ.)

**ବଦଳାଇବାକୁ ଦାବି କରୁଛନ୍ତି ଅଞ୍ଚଳବାସୀ, ଶୁଣୁନି ବିଭାଗ**



ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ମୁଖ୍ୟାଳୟର ପାଇକସାହିରେ ଅବସ୍ଥିତ ରାଧାକୃଷ୍ଣ ମନ୍ଦିର ନିକଟରେ ଥିବା ଏକ ଲୁହା ବିଦ୍ୟୁତଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବହୁ ଦିନର ପୁରୁଣା ଲୁହାଖୁଣ୍ଟର ନିମ୍ନଭାଗ ମାଟି ଖାଇ ଖରାପ ହେବା ଫଳରେ ବଙ୍କାହେବାରେ ଲାଗିଛି। ଏହି ବିଦ୍ୟୁତ୍ ପୋଲ ଉପରେ ହାଇ ଭୋଲ୍ଟେଜ ବିଦ୍ୟୁତ୍ ତାର ସଂଯୋଗ କରାଯାଇଥିବା ବେଳେ ଏହା ଭାଙ୍ଗିଯିବା ଆଶଙ୍କା ରହିଛି। ପାଖରେ ମନ୍ଦିର ଥିବାରୁ ସେଠାରେ ଲୋକଙ୍କ ଭିଡ଼ ଜମୁଛି। ଖୁଣ୍ଟଟି ହଠାତ୍ ଭାଙ୍ଗିଗଲେ ଦୁର୍ଘଟଣା ଘଟିବା ଆଶଙ୍କା ଅଛି। ଏ ନେଇ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଅବଗତ କରାଗଲେ ମଧ କୌଣସି ସୁଫଳ ମିଳୁ ନ ଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ବିଲ୍ ଠିକ୍ ସମୟରେ ଆଦାୟ କରୁଥିବାବେଳେ ମରାମତି କରିବା ପାଇଁ ବିଭାଗ କ'ଣ ପାଇଁ ପଛଘୁଞ୍ଚା ଦେଉଛି ବୋଲି ସାହି ବାସିନ୍ଦା ପ୍ରଶ୍ନ କରିଛନ୍ତି। ଯଦି କୌଣସି ପ୍ରକାର ଦୁର୍ଘଟଣା ଘଟେ ଓ ଲୋକଙ୍କ ଜୀବନ ଯାଏ ତେବେ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିବା ସହ ଏହାକୁ ତୁରନ୍ତ ବଦଳାଇ ନୂଆ ବିଦ୍ୟୁତ୍ ଖୁଣ୍ଟ ପୋତାଯାଉ ବୋଲି ସାହି ବାସିନ୍ଦା ଦାବି କରିଛନ୍ତି । ଏ ନେଇ ବିଭାଗୀୟ ଯନ୍ତ୍ରୀ ମୋହନ କୁମାର ପେଣ୍ଡୋଇଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରାଯିବ। ଆବଶ୍ୟକସ୍ଥଳେ ଖୁଣ୍ଟି ବଦଳାଯିବ ବୋଲି ସେ କହିଛନ୍ତି।

# ଆନ୍ଥ୍ରାକ୍ସ ସ୍ଥିତି ଅନୁଧ୍ୟାନ କଲା ଆଇସିଏମ୍ଆର୍ ଟିମ୍

ଦଶମନ୍ତପୁର,୯।୫(ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତ ଅଧିନସ୍ଥ ତେନ୍ତୁଳିଗୁଡ଼ା ଗାଁରେ ଆନ୍ଥ୍ରାକ୍ସ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମଙ୍ଗଳବାର ଭୁବନେଶ୍ୱରରୁ ଆଇସିଏମଆର୍ ଟିମ ଏହି ଗାଁକୁ ଆସି ସ୍ଥିତି ଅନୁଧ୍ୟାନ କରିଛି। କିଛିଦିନ ପୂର୍ବେ ତେନ୍ତୁଳିଗୁଡ଼ା ସମେତ ଆଖପାଖ ଅଞ୍ଚଳର ଲୋକେ ମୃତ ଗୃହପାଳିତ ପଶୁ ମାଂସ ଖାଇ ଅସୁସ୍ଥ ହୋଇଥିଲେ। ତେନ୍ତୁଳିଗୁଡ଼ାର ଜଣେ ବ୍ୟକ୍ତିଙ୍କଠାରେ ପ୍ରଥମେ ଆନ୍ଥ୍ରାକ୍ସ ଲକ୍ଷଣ ଦେଖାଯିବାରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ସ୍ତ୍ରୀ ମଧ୍ୟ ଏହି ମାଂସ ଖାଇ ଅସୁସ୍ଥ ହେବା ପରେ ପ୍ରାଣ ହରାଇଥିଲେ। ଏ ସମ୍ପର୍କରେ ସାମାଜିକ କର୍ମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ ଯୋଗେ ଦୃଷ୍ଟି ଆକର୍ଷଣ କରିବାରୁ ମଙ୍ଗଳବାର ତେନ୍ତୁଳିଗୁଡା ଗାଁକୁ ଡାକ୍ତରୀ ଟିମ୍ ଆସି ଶତାଧିକ ଲୋକଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ସେଥିମଧ୍ୟରୁ ୧୮ ଜଣଙ୍କ ଆନ୍ଥ୍ରାକ୍ସ ଲକ୍ଷଣ ଥିବା ଜାଣି ଡାକ୍ତରୀ ଟିମ୍ ପ୍ରତିଷେଧକ ଔଷଧ ଦେଇଥିଲେ। ପ୍ରତିଦିନ ଆକ୍ରାନ୍ତମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝି ଔଷଧ ଦେଉଥିବା ଫାର୍ମାସିଷ୍ଟ ସଞ୍ଜିବ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି। ସୋମବାର ୧୬ ଆନ୍ଥ୍ରାକ୍ସ ଆକ୍ରାନ୍ତଙ୍କ ଚିହ୍ନଟ ହୋଇଥିବା ଜାଣିବା ପରେ ଆଇସିଏମଆର୍ ଟିମ ଆସି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଦିନକୁ ଦିନ ଆନ୍ଥ୍ରାକ୍ସ ଲକ୍ଷଣ ଥିବା ଲୋକଙ୍କ ସଂଖ୍ୟା ବଢୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅଛନ୍ତି। ଅନ୍ୟପଟେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ତତ୍ପରତା ପ୍ରକାଶ ପାଇଛି।

# ଚର୍ଚ୍ଚ ପରିଚାଳନା କମିଟି ସଭାରେ ଏମ୍ପି

କୋରୁକୋଣ୍ଡା/ ବାଲିମେଳା, ୯।୫(ଡି.ଏନ.ଏ)

କୋରୁକୋଣ୍ଡା ବ୍ଲକ ପାଟ୍ରେଲ ପଞ୍ଚାୟତ ସଦର ଗ୍ରାମର ଚର୍ଚ୍ଚ ପରିଚାଳନା କମିଟି ପକ୍ଷରୁ ଏକ ସଭା ଆୟୋଜନ କରଯାଇଥିଲା। ଏଥିରେ ନବରଙ୍ଗପୁର ଏମ୍ପି ରମେଶ ମାଝି ମୁଖ୍ୟ ଅତି, କୋରୁକୋଣ୍ଡା ବ୍ଲକ ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ, କୋରୁକୋଣ୍ଡା ବ୍ଲକ ଏମ୍ପି ପ୍ରତିନିଧି ମଦନ ଖୋସଲା, ଖଇରପୁଟ ବ୍ଲକ ଏମ୍ପି ପ୍ରତିନିଧି ଜଗନ୍ନାଥ ମାଝି, ତରଲାକୋଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୋମନାଥ ବର୍ଷେ ପ୍ରମୁଖ ଯୋଗ ଦେଇଥିଲେ। ପାଟ୍ରେଲ ଚର୍ଚ୍ଚ ଫାଷ୍ଟର ଓ ଚର୍ଚ୍ଚ ପରିଚାଳନା କମିଟି ସଦସ୍ୟମାନେ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପାଟ୍ରେଲ ଚର୍ଚ୍ଚ ସମେତ ବ୍ଲକରେ ଥିବା ପ୍ରାୟ ୮୦ଟି ଚର୍ଚ୍ଚର ନବୀକରଣ ଓ ବିକାଶ ଲାଗି ସରକାରୀ ଅନୁଦାନ ନିମନ୍ତେ ଏମ୍ପିଙ୍କୁ ଦରଖାସ୍ତ ଦିଆଯାଇଥିଲା। ଦରଖାସ୍ତକୁ ଅନୁମୋଦନ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏମ୍ପି ମାଝି କହିଥିଲେ ।

# ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜମି ମାମଲାର ଶୁଣାଣି କଲେ ତହସିଲଦାର

ମାଥିଲି, ୯।୫ (ଡି.ଏନ.ଏ.)



ସ୍ୱଚ୍ଛଳ ବ୍ୟକ୍ତିଙ୍କ ଅକ୍ତିଆରେ ରହିଛି ସରକାରୀ ଜମି । ଦଖଲ କରିବାକୁ ମନା କରିବାରୁ ହାଇକୋର୍ଟରେ ରୁଜୁ ହୋଇଛି ମାମଲା। ତେବେ ମାମଲ ରୁଜୁ ପରେ ମାଥିଲି ତହସିଲଦାର ଚନ୍ଦନ ଭୋଇଙ୍କୁ ଏହାକୁ ବିଚାର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସେହି ଅନୁସାରେ ମଙ୍ଗଳବାର ତହସିଲଦାରଙ୍କ କାର୍ଯ୍ୟାଳୟଠାରେ ଏନେଇ ଶୁଣାଣି ହୋଇଥିଲା। ଏଥିରେ ମାଥିଲି ସଦରର ଲୋକପ୍ରତିନିଧି, ସ୍ଥାନୀୟ ବ୍ୟକ୍ତି ଓ ଖବରଦାତାମାନେ ଉପସ୍ଥିତ ଥିଲେ। ମାଥିଲି ସଦର ପାଇଁ ପୂର୍ବରୁ ଯୋଗାଇ ଦେଇଥିବା ବସଷ୍ଟାଣ୍ଡ ଜାଗାକୁ ଲାଗିଥିବା ସରକାରୀ ଜମିକୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଦଖଲ କରିଥିବା ଶୁଣାଣି ବେଳେ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣକ ହାଇକୋର୍ଟରେ ଦର୍ଶାଇଥିଲେ ଯେ, ସେ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି। ଦୀର୍ଘବର୍ଷରୁ ସରକାରୀ ଜମିକୁ ଦଖଲ କରି ଚାଷ କରି ଆସୁଛନ୍ତି। ତାଙ୍କୁ ଅନ୍ୟତ୍ର ଜାଗା ଯୋଗାଇଦେବାକୁ ସେ ହାଇକୋର୍ଟଙ୍କୁ ନିବେଦନ କରିଥିଲେ। ସଂପୃକ୍ତ ବ୍ୟକ୍ତିଙ୍କ ପରିବାରର ସଦସ୍ୟମାନେ ମାସିକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଥାନ୍ତି । ଏପରିକି ସେ ମଧ୍ୟ ଜମି କିଣାବିକାରେ ଜଡିତ ରହିଛନ୍ତି। ଏପରି ସ୍ଥଳେ ସେ କିପରି ଗରିବ ଶ୍ରେଣୀର ବୋଲି ତହସିଲଦାର ପଚାରିଥିଲେ। ଏନେଇ ଆବଶ୍ୟକ କାଗଜପତ୍ର ଯୋଗାଡ କରିବାକୁ ସେ ସମୟ ମାଗିଛନ୍ତି । ଘଟଣାର ସତ୍ୟତା ଉନ୍ମୋଚନ କରିବାକୁ ଜିଲା ପରିଷଦ ସଭ୍ୟା ସସ୍ମିତା ମାଝି, ସରପଞ୍ଚ କାନାମରାଜୁ ନାୟକ, ସମିତିସଭ୍ୟ ବାଲରାଜୁ କପେ ପ୍ରମୁଖ ଦାବି କରିଛନ୍ତି ।

# ବିଜେଡି କର୍ମୀ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ ।

କାଲିମେଳା,୯।୫(ଡି.ଏନ୍.ଏ.)

କାଲିମେଳା ବ୍ଲକ ବେଜଙ୍ଗିୱାଡା ପଞ୍ଚାୟତ ଅନ୍ତର୍ଗତ ବେଜଙ୍ଗିୱାଡା ସଦର ଠାରେ ବ୍ଲକ ବିଜେଡି, ବିଜୁ ଯୁବ, ଛାତ୍ର ଜନତା ଦଳ କମିଟିକୁ ନେଇ ମଙ୍ଗଳବାର ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ତଥା ଜିଲା ବିଜୁ ଯୁବ ସଭାପତି ଆଡମା ରାବା ଯୋଗ ଦେଇଥିଲେ। ବେଞ୍ଜନଗୁଡା ଠାରେ ତାଙ୍କୁ ସ୍ୱାଗତ କରାଯିବା ସହ ସେଠାରୁ ଶୋଭାଯାତ୍ରାରେ ନିଆଯାଇଥିଲା । ସଭାରେ ସମସ୍ତ ଯୁବ ଛାତ୍ର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଦଳକୁ ସୁଦୃଢ଼ କରିବା ଏବଂ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ସମସ୍ତେ ଶପଥ ପାଠ କରିଥିଲେ । ଅନ୍ୟତମ ଅତିଥି ରୂପେ ବିଜେଡି ଜିଲା ସାଧାରଣ ସମ୍ପାଦକ ଅନୁପ ମିସ୍ତ୍ରୀ,କାଲିମେଳା ଯୁବ ସଭାପତି ମିଠିଲଙ୍କ ମଣ୍ଡଳ, ଜିଲା ମିଡିଆ ସଂଯୋଜକ ସୁନିଲ ସାହୁ, ଜିଲା ଯୁବ ଜନତା ଦଳ ଉପସଭାପତି ଚିରଞ୍ଜିତ ବାଲା, ଜିଲା ଯୁବ ଉପସଭାପତି ଅଜିତ୍ ଖୋସଲା, ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ସଞ୍ଜୁ ସରକାର,ବିଜୁ ଛାତ୍ର ଜନତା ଦଳ ଜିଲା ଯୁଗ୍ମ ସମ୍ପାଦକ ରାକେଶ ମଣ୍ଡଳଙ୍କ ସମେତ ପ୍ରେମାନନ୍ଦ ବାଛାଡ, ବିଷ୍ଣୁ ମଣ୍ଡଳ, ନିର୍ମଳ ମଣ୍ଡଳ, ସନ୍ତୋଷ କବାସି , ଗଙ୍ଗା କବାସି, ହରିବନ୍ଧୁ ହନ୍ତାଳ, ଶ୍ୟାମା ହନ୍ତାଳ, ଅମିତ୍ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

# ବନ୍ଧୁଗାଁ ବ୍ଲକରେ ୪୪ ଅଭିଯୋଗ ଶୁଣିଲେ ଜିଲାପାଳ

ନାରାୟଣପାଟଣା/ବନ୍ଧୁଗାଁ,୯।୫(ଡି.ଏନ୍.ଏ.)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ସଭା ଗୃହରେ ଜିଲାପାଳ ମହମ୍ମଦ ଅବଦୁଲ ଅଖତର ଜନଶୁଣାଣି ଶିବିର କରିଛନ୍ତି। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାର, ଜିଲା ପରିଷଦ ଅଧକ୍ଷା ସୁସ୍ମିତା ମେଲେକା, ବ୍ଲକ ଅଧକ୍ଷା ଲକ୍ଷ୍ମୀ ମିଣିଆକା, ବିଡିଓ ଆକାଶ ପଟ୍ଟନାୟକ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୧୩ ପଞ୍ଚାୟତର ଗ୍ରାମବାସୀଙ୍କ ପକ୍ଷରୁ ଶୁଣାଣି ପାଇଁ ୪୪ଟି ଅଭିଯୋଗ ଆସିଥିଲା। ବ୍ୟକ୍ତିଗତ ଓ ସାମୂହିକ ସମସ୍ୟାଗୁଡ଼ିକ ସମାଧାନ ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଥିଲେ। ଅଭିଯୋଗଗୁଡ଼ିକର ଅନୁଧ୍ୟାନକରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ଅଖତର ନିର୍ଦ୍ଦେଶ ଦେଇଥିଲେ। ବ୍ଲକର ଅନେକ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ଆର୍ ଆଣ୍ଡ୍ ବି ବିଭାଗକୁ ହସ୍ତାନ୍ତର, ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା କଲ୍ୟାଣ ମଣ୍ଡପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ନୂତନ ଗେଷ୍ଟ ହାଉସ ନିର୍ମାଣ, ବିଏସ୍ଏନ୍ଏଲ୍ ନେଟ୍ୱାର୍କ ସମସ୍ୟା ସୁଧାରିବା, ନିଳାବାଡ଼ିରୁ କାନାଗାଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଦେବା, ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗାଇବା, ବନ୍ଧୁଗାଁ ଆର୍ଆଇଙ୍କୁ ଅନ୍ୟତ୍ର ବଦଳି କରିବା ସହ ଅନ୍ୟାନ୍ୟ ଅଭିଯୋଗ ରହିଛି। ଜିଲାପାଳ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ନିର୍ମାଣ ହେଉଥିବା କୋଠା ବୁଲି ଦେଖିବା ସହ ବାକି ଥିବା କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ସାନସରପଲିରୁ କାବ୍ରିବାଡ଼ି ପଞ୍ଚାୟତକୁ ଯିବା ସମୟରେ ରାସ୍ତା ମଝିରେ ବଡ଼ ଗର୍ତ୍ତ ହୋଇଥିବାରୁ ଯାଇ ପାରି ନ ଥିଲେ। ସେଠାରୁ ବ୍ଲକକୁ ଫେରି ଆସିଥିଲେ।


ଶିବିରରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

# କୋରାପୁଟ ଜିଲାରେ ବନ୍ଦ ପାଳନ

ପଟ୍ଟାଙ୍ଗି/କୁନ୍ଦୁରା/ଦଶମନ୍ତପୁର/ ବୈପାରିଗୁଡା/ନନ୍ଦପୁର, ୯।୫(ଡି.ଏନ.ଏ.)

କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦାବି ନେଇ କଂଗ୍ରେସ ଦିନିକିଆ କୋରାପୁଟ ଜିଲା ବନ୍ଦ ଡାକରା ଦେଇଥିଲା। ଜିଲା ସଭାପତି ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଏହାର ପ୍ରଭାବ ଜିଲାର ସବୁ ବ୍ଲକରେ ପଡିଛି। ବ୍ଲକ ସଦର ମହକୁମାରେ ମାଁ ଗାଙ୍ଗମାଁଙ୍କ ନବରାତ୍ର ଘଟଯାତ୍ରା ଚାଲିଥିବାରୁ ଉକ୍ତ ଯାତ୍ରା ଯେପରି ପ୍ରଭାବିତ ନ ହୁଏ ତାହାକୁ ଦୃଷ୍ଟିରେ ରଖି ବ୍ଲକ କଂଗ୍ରେସ ସଭାପତି ଅର୍ଜୁନ ଖରାଙ୍କ ସହଯୋଗରେ ବ୍ଲକର ଆନ୍ଧ୍ର ସୀମାନ୍ତ ସୁଙ୍କି ପଞ୍ଚାୟତର ସଦର ମହକୁମାରେ ଜାତୀୟ ରାଜପଥ ଅବରୋଧ କରାଯାଇ ବନ୍ଦ ପାଳନ କରାଯାଇଥିଲା। ଫଳରେ ଆନ୍ଧ୍ର ତଥା କୋରାପୁଟ ଅଭିମୁଖେ ଯିବାକୁ ଥିବା ସମସ୍ତ ଛୋଟ ବଡ଼ ଗାଡ଼ି ଦୀର୍ଘ ସମୟ ଧରି ରାସ୍ତାରେ ଅଟକି ରହିଥିଲା । ଅପରାହ୍ନ ୩ଟା ପରେ ଗାଡିଗୁଡିକୁ ଛଡାଯାଇଥିଲା। ଏହି ବନ୍ଦ ପାଳନରେ ଏମ୍ପି ପ୍ରତିନିଧି ଶୁକ୍ରା ଖରା, ଶଙ୍କର ପଟ୍ଟନାୟକ, ସେବା ଦଳର ଜିଲା ସହ ସଙ୍ଗଠକ ଗୋବିନ୍ଦ ଖରା, ଗାଙ୍ଗରାଜପୁର ସମିତି ସଭ୍ୟା ବିମଳା ପାଙ୍ଗି, ଶ୍ୟାମ ସୁନ୍ଦର ମହାନ୍ତି, ଦେଓପଟ୍ଟାଙ୍ଗି ସରପଞ୍ଚ ନରେନ୍ଦ୍ର ବଡନାୟକ, ଅଭି ଲବୁଡୁ ବାରିକ ଓ ମଜେସ ଗାଣ୍ଡେରିଙ୍କ ସମେତ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ।


ବନ୍ଦ ପାଳନରେ ସାମିଲ ହୋଇଥିବା କଂଗ୍ରେସ ନେତୃବୃନ୍ଦ ।

କୁନ୍ଦୁରା ବ୍ଲକରେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ କଂଗ୍ରେସ କର୍ମୀ ମାନେ କଂଗ୍ରେସ ଭବନରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏଥିରେ ଦଳର ଭବାନୀ ଶଙ୍କର ରଥ, ଦୈତାରୀ ମଲ୍ଲିକ, ସଦନ ମୁଦୁଲି, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଯୁବ କଂଗ୍ରେସ ସଭାପତି ରାଜେଶ ଗୁରୁ, ଶିବ ପ୍ରଧାନୀ, ଜିତେନ୍ଦ୍ର କୁଣ୍ଡ, ଡମ୍ବରୁ ନାୟକ, ବିଶ୍ୱ ଜେନାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

ଦଶମନ୍ତପୁର ବ୍ଲକରେ ମଧ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇ ଥିଲା। ଏଥିରେ ବ୍ଲକ ସଭାପତି ବେଣୁଧର ପାତ୍ର, ଏମ୍ପି ପ୍ରତିନିଧି ରାଜେନ୍ଦ୍ର ହୁଇକା, ଜିଲା ପରିଷଦ ସଭ୍ୟା ଲଳିତା ଜାନି, ସମିତିସଭ୍ୟା ଏଲି ମଧୁସ୍ମିତା ବାଘ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ଦଳେଇ, ବରିଷ୍ଠ ନେତା, ତ୍ରିନାଥ ବିଶୋୟୀ, ଉଦୟ ଚନ୍ଦ୍ର ହିଆଲ, ଅର୍ଜୁନ ଚେଟି, ଚିକାମ ପଞ୍ଚାୟତ ସଭାପତି ସୁବାଷ ଖୋସଲା, ଜିଲା ଯୁବ କଂଗ୍ରେସ ସମ୍ପାଦକ ପଙ୍କଜ ବାଘ, ମିଟୁ ନାଗ, ଯୁବ ସଭାପତି, ଅଶୋକ ଖୋସଲା, ରାମନାଥ ଦଳେଇ , ଲକ୍ଷ୍ମଣ ବିଶୋୟୀଙ୍କ ବହୁ ସମର୍ଥକ ଉପସ୍ଥିତ ରହି ବନ୍ଦ ପାଳନ କରିଥିଲେ।

ବୈପାରିଗୁଡା ବ୍ଲକରେ ଜିଲା କଂଗ୍ରେସର ବନ୍ଦ ଡାକରା ପ୍ରଭାବ ପଡିଛି। ଏଠାରେ ବ୍ଲକ କଂଗ୍ରେସ ପକ୍ଷରୁ ଜୟପର-ମାଲକାନାଗିରି ରାସ୍ତାର ବୈପାରିଗୁଡା ଛକ ଠାରେ ରାସ୍ତାରୋକୋ କରାଯାଇ ବନ୍ଦ ପାଳନ କରାଯାଇଥିଲା। ବୈପାରିଗୁଡାରେ ସବୁ ଦୋକାନ ବଜାର ବନ୍ଦ ରହିଥିଲା। ବ୍ଲକ କଂଗ୍ରେସ ସଭାପତି ଗୌରଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ସତ୍ୟ ନାରାୟଣ ମହାନ୍ତି, ଧନେଶ୍ୱରମାଝି, ମୋହନ ସିକର୍ଲିଆ, ବାଲାଜୀ ରାଓ, ଜଗା ବିଶୋୟୀଙ୍କ ସମତେ ଶତାଧିକ କର୍ମୀ ସାମିଲ୍ ହୋଇଥିଲେ।

ନନ୍ଦପୁର ବ୍ଲକ ଅଞ୍ଚଳରେ କଂଗ୍ରେସ କର୍ମୀ ସୁବାଇ, ନନ୍ଦପୁର, ବାଲଡ଼ା, ଟାଟୁଆ, ଜୋଲାପୁଟ ଛକରେ ବ୍ୟାନର, ପୋଷ୍ଟର ଧରି ବନ୍ଦ ପାଳନରେ ସାମିଲ ହୋଇଥିଲେ। ଗାଡ଼ି ମୋଟର ଚଳାଚଳ ବନ୍ଦ ସହ ଦୋକାନ ବଜାର ବନ୍ଦ ରହିଥିଲା। ବ୍ଲକ ସଭାପତି କାମେଶ କାମୁଡି, ପୂର୍ବତନ ବିଧାୟକ ରାମ କାଡାମ, ଏମ୍ପି ପ୍ରତିନିଧି ଗୋପାଳ ମାଟାମ, ଅନ୍ତର୍ଯ୍ୟାମୀ ଗୁଣ୍ଠା, ରାମକୃଷ୍ଣ ପଡ଼ାଲ, କେଶବ ଖରା, ବାବୁରାଓ ଖରା, ଡମ୍ବରୁ ଗୁଣ୍ଠା, ଧନ ଖିଲ, ମଧୁ ଖେମୁଣ୍ଡୁଙ୍କ ସମେତ ଅନ୍ୟମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ।

# ଜିଲ୍ଲାର ପ୍ରଥମ ଏନ୍‌ସିସି ଟ୍ରାକ୍ ଲୋକାର୍ପିତ

## ନବରଙ୍ଗପୁର କଲେଜରେ ଏନ୍‌ସିସି ଉଚ୍ଚସ୍ତରୀୟ ତାଲିମ ଟ୍ରାକ୍ ଉଦ୍‌ଘାଟିତ

ନବରଙ୍ଗପୁର,୯ା୫(ବି.ପ୍ର.)


କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଏନ୍‌ସିସିର ୧୩ ବାଟାଲିୟନ ଓଡ଼ିଶା ଶାଖା ତରଫରୁ ନବରଙ୍ଗପୁର ମହାବିଦ୍ୟାଳୟରେ ନବନିର୍ମିତ ତାଲିମ ଟ୍ରାକ୍‌କୁ ଆନୁଷ୍ଠାନିକ ଭାବେ ନବରଙ୍ଗପୁର ବିଧାୟକ ତଥା ପୂର୍ବତନ ଛାତ୍ର ସଦାଶିବ ପ୍ରଧାନୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭାସ୍କରନାଥ ବିଶ୍ୱାଳ, ଏନ୍‌ସିସି ଅଧିକାରୀ ଉଜ୍ଜ୍ୱଳ କୁମାର ମହାନନ୍ଦିଆ ଏବଂ ୧୩ ବାଟାଲିୟନର ଉଚ୍ଚ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଟ୍ରାକ୍‌ଟି ହେବା ଦ୍ୱାରା ଜିଲାରେ ଥିବା ମହାବିଦ୍ୟାଳୟଗୁଡ଼ିକର ଏନ୍‌ସିସି ଛାତ୍ରୀଛାତ୍ର ଉତ୍ତମ ପ୍ରଶିକ୍ଷଣ ସୁବିଧାରେ ପାଇପାରିବେ ବୋଲି ବିଧାୟକ କହିଥିଲେ। ଭବିଷ୍ୟତରେ ଜିଲା ଏନ୍‌ସିସି ତଥା ମହାବିଦ୍ୟାଳୟ କ୍ରୀଡ଼ାର ବିକାଶ ପାଇଁ ଆବଶ୍ୟକ ସହଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ। ଅତୀତରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଏନ୍‌ସିସି ଥିବାରୁ ଅନେକ ବୃତ୍ତି ପାଇପାରିଛନ୍ତି ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ। ଏହାପରେ ମହାବିଦ୍ୟାଳୟରେ ଚାଲିଥିବା ମାସିକିଆ ନିଃଶୁଳ୍କ ଫୁଟ୍‌ବଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଧାୟକ ଯୋଗଦେଇ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଫୁଟ୍‌ବଲ ଖେଳର ଉପାଦେୟତା ସମ୍ପର୍କରେ ଭାଷଣ ଦେଇଥିଲେ। ଏକ ନିଆରା କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ ବିଧାୟକ ଅଧ୍ୟକ୍ଷ ଓ ପ୍ରଶିକ୍ଷକ ଅଶୋକ ପାତ୍ରଙ୍କର ପ୍ରଶଂସା କରିଥିଲେ। ଶରୀର ଓ ମନର ଏକାଗ୍ରତା ପାଇଁ କ୍ରୀଡ଼ା ଉତ୍କୃଷ୍ଟ ମାଧ୍ୟମ ବୋଲି ଅଧ୍ୟକ୍ଷ କହିଥିଲେ। କାର୍ଯ୍ୟକ୍ରମରେ ଜିଲାର ୨୦ରୁ ଅଧିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୬୦ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଉଛନ୍ତି। ଗଣିତ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ନୀଳାଚଳ ମିଶ୍ର, ଜିଲା ଯୁବ ରେଡ୍‌କ୍ରସ୍ ସମ୍ପାଦକ ଅଧ୍ୟାପକ ଦିଲୀପ କୁମାର ହୋତା, ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ଶମ୍ଭୁପ୍ରସାଦ ହୋତାଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଯୋଗ ଦେଇଥିଲେ। କ୍ରୀଡ଼ାର ବିକାଶ ପାଇଁ ଆଗାମୀ ଦିନରେ ଅନେକ ଯୋଜନା ରହିଥିବା କଥା ଅଧ୍ୟକ୍ଷ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବୋଲେରୋ-ବାଇକ ଧକ୍କା, ୨ ଗୁରୁତର

ପାପଡାହାଣ୍ଡି,୯ା୫(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦେଇଯାଇଥିବା ୨୬ନମ୍ବର ଜାତୀୟ ରାଜପଥର ପ୍ରଧାନୀଗୁଡ଼ାରେ ମଙ୍ଗଳବାର ଏକ ବାଇକ ଓ ବୋଲେର ମଧ୍ୟରେ ଧକ୍କା ହୋଇଛି। ଦୁର୍ଘଟଣାରେ ୨ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅଁଳାଭଟା ପଞ୍ଚାୟତ ବାରିଗୁଡ଼ା ଗ୍ରାମର ସୁନ୍ଦର ହରିଜନ ଓ ରାହୁଲ ହରିଜନ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, ସୁନ୍ଦର ଓ ରାହୁଲ ଏକ ବାଇକରେ ନିଜ ଘରୁ ପାପଡ଼ାହାଣ୍ଡି କୌଣସି କାମରେ ଆସୁଥିବା ସମୟରେ ବିପରୀତ ଦିଗରୁ ଯାଉଥିବା ବୋଲେରୋ ସହ ପ୍ରଧାନିଗୁଡ଼ାରେ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ପାପଡାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରି ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛି।

### ଟିପ୍ପର ତଳେ ଚାପି ହୋଇଗଲା ବୁଲେଟ

ପାପଡାହାଣ୍ଡି,୯ା୫(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ବସଷ୍ଟାଣ୍ଡ ଛକରେ ମଙ୍ଗଳବାର ଏକ ପାର୍କିଂରେ ଥିବା ଟିପପ୍ପରଟି ଗଡ଼ିଯିବାରୁ ଏହା ତଳେ ଏକ ବୁଲେଟ ଚାପି ହୋଇଯାଇଥିଲା। ତେବେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ସ୍ଥାନୀୟ ଲୋକ ବର୍ତ୍ତି ଯାଇଛନ୍ତି। ଟିପର ଧକାରେ ଦୁଇଟି ଦୋକାନ ଆଂଶିକ ନଷ୍ଟ ହୋଇଛି । ସୂଚନା ମୁତାବକ ଏକ ଟିପ୍ପର (ସିଜି-୧୩ଏଲ୍ଏ-୦୯୯୫) ଟିପ୍ପରଟି ରାୟପୁରରୁ ଆସି ପାପଡ଼ାହାଣ୍ଡି ଆସିଥିଲା। ଗାଡ଼ି ଡ୍ରାଇଭର ବସଷ୍ଟାଣ୍ଡରେ ତାହାକୁ ରଖି ଟିଫିନ ଖାଇବାକୁ ଯାଇଥିବା ସମୟରେ ହଠାତ ଟିପ୍ପରଟି ଗଡ଼ି ଯାଇଥିଲା। ଏହି ସମୟରେ ରାସ୍ତା କଡ଼ରେ ଥିବା ତରାଗାଁର ଗୌତମ ଭକ୍ତଙ୍କ ବୁଲେଟ ଉପରେ ଗାଡ଼ିଟି ଚଢି ଯାଇଥିଲା। ପାପଡ଼ାହାଣ୍ଡି ପୋଲିସ ପହଞ୍ଚି ବୁଲେଟକୁ ଟିପ୍ପର ତଳୁ ବାହାର କରି ତଦନ୍ତ ଆରମ୍ଭ କରିଛି।

### ମାଇକ୍ରୋଟେକ୍‌ର ପ୍ରଶିକ୍ଷଣ କର୍ମଶାଳା



ଉମରକୋଟ, ୯ା୫(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ହୋଟେଲ ଏସ୍‌ପି ରୟାଲ୍ସର ସଭାଗୃହରେ ବୈଦ୍ୟୁତିକ କେବୁଲ ଓ ଉପକରଣ ନିର୍ମାତା କମ୍ପାନୀ ମାଇକ୍ରୋଟେକ ପକ୍ଷରୁ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମୀର ଇଲେକ୍ଟ୍ରିକାଲ୍ସ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଶିକ୍ଷଣ କର୍ମଶାଳାରେ ୬୦ରୁ ଉର୍ଦ୍ଧ୍ୱ ଇଲେକ୍ଟ୍ରିସିଆନ ଯୋଗ ଦେଇ ଏହାର ଲାଭ ଉଠାଇଥିଲେ। ଏହି ଅବସରରେ ମାଇକ୍ରୋଟେକ୍ କମ୍ପାନୀର କର୍ମଚାରୀ ଉପସ୍ଥିତ ରହି କମ୍ପାନୀର ବିଭିନ୍ନ ସାମଗ୍ରୀ ଏବଂ କେବୁଲର ବିଶ୍ୱସନୀୟତା, ଉପାଦେୟତା ଉପରେ ଉପସ୍ଥିତ ଇଲେକ୍ଟ୍ରିସିଆନଙ୍କୁ ବୁଝାଇବା ସହ ଏହାର ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମାଇକ୍ରୋଟେକ୍‌ର ଦକ୍ଷିଣ ଓଡ଼ିଶା କ୍ଷେତ୍ର ପରିଚାଳକ ପ୍ରଶାନ୍ତ ନନ୍ଦ,ବିଜୟାନନ୍ଦ ପତି ଅନ୍ୟମାନଙ୍କ ମଧ୍ୟରେ ଇଲେକ୍ଟ୍ରିସିଆନ ମିଥୁନ ଗୌଡ଼,ତୁଳସୀ କୁମ୍ଭାର, ଦାମୋଦର ପନକା, ଶ୍ରୀଧର ହରିଜନ, ମୋତିରାମ ଗୌଡ଼ ପ୍ରମୁଖ ବରିଷ୍ଠ ଇଲେକ୍ଟ୍ରିସିଆନ ଉପସ୍ଥିତ ଥିଲେ।

# ଚାଲାଣ ବେଳେ ୬୨ କଇଁଛ ଜବତ

ଝରିଗାଁ,୯ା୫(ସ୍ୱ.ପ୍ର.)



ଜବତ କଇଁଛ ସହ ଝରିଗାଁ ବନବିଭାଗ କର୍ମଚାରୀମାନେ ।

ପାଟ୍ରୋଲିଂ ବେଳେ ସୋମବାର ରାତିରେ କଇଁଛ ଚୋରା ଚାଲାଣ କରୁଥିବା ଜଣେ ଯୁବକଙ୍କୁ ଝରିଗାଁ ବନ ବିଭାଗ ଧରିଛି। ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି।

ସୂଚନାନୁଯାୟୀ ଝରିଗାଁ ବନ ବିଭାଗର ଡେପୁଟି ରେଞ୍ଜର ଗୋବିନ୍ଦ ନାୟକଙ୍କ ନେତୃତ୍ୱରେ ଫରେଷ୍ଟର ଗୁପ୍ତପ୍ରସାଦ ମହାନ୍ତି,ଗାର୍ଡ ଅନନ୍ତ କୁମାର ଝଙ୍କାର ଏକ ଟିମ୍ ସହ କଂଗ୍ରା ସେକ୍ସନ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସେମାନେ ଜୋଡ଼ାଆମ୍ବ ଛକରେ କିଛି ସମୟ ପାଇଁ ରହିଥିଲେ। ତେବେ ସେହି ସମୟରେ ଭିତରକରମାରୀଠାରୁ ଏକ ବାଇକ (ସିଜି-୦୪ସିଜେଡ୍-୩୮୩୫)ରେ କୋଦଭଙ୍ଗା ଗ୍ରାମର ଧୀରଜ ମିସ୍ତ୍ରି ଉକ୍ତ ରାସ୍ତାଦେଇ ଯାଉଥିଲେ। ସେ ବସ୍ତାରେ କିଛି ନେଇ ଯାଉଥିବା ଦେଖି ବନ ବିଭାଗର କର୍ମଚାରୀମାନେ ଗାଡ଼ି ଅଟକାଇ ଯାଞ୍ଚ କରିଥିଲେ। ବସ୍ତାରେ ୬୨ଟି ଜୀବନ୍ତ କଇଁଛ ବନ କର୍ମଚାରୀ ଜବତ କରି ଧୀରଜଙ୍କୁ ଗିରଫ କରିଛନ୍ତି। କଇଁଛ ଓ ଗିରଫ ଅଭିଯୁକ୍ତଙ୍କୁ ଝରିଗାଁ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଅଭିଯୁକ୍ତ କଳାହାଣ୍ଡିରୁ କଇଁଛ ଚୋରା ଚାଲାଣ କରି କଦଭଙ୍ଗା ଗ୍ରାମରେ ବିକ୍ରି କରିବା ପାଇଁ ନେଉଥିବା ଜଣାପଡ଼ିଥିଲା। କଇଁଛମାନଙ୍କୁ ଝରିଗାଁ ନର୍ସରିରେ ସୁରକ୍ଷିତ ଭାବେ ରଖିବା ସହ ଅଭିଯୁକ୍ତଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

# ଝରିଗାଁ ତହସିଲର ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ, ଅମିନ ନିଲମ୍ବିତ

## ବେଆଇନ ଜମି ପଟ୍ଟା ହସ୍ତାନ୍ତର ଅଭିଯୋଗ

ନବରଙ୍ଗପୁର/ଝରିଗାଁ, ୯ା୫(ବି.ପ୍ର./ସ୍ୱ.ପ୍ର.)


ସଚ୍ଚିଦାନନ୍ଦ ରଥ


ଦେବେନ୍ଦ୍ର ବେଶ୍ରା

ଏକ ମନ୍ଦିର ଜମିକୁ ବେଆଇନଭାବେ ଜମି ପଟ୍ଟା ହସ୍ତାନ୍ତର ଅଭିଯୋଗରେ ନବରଙ୍ଗପୁର ଜିଲା ଝରିଗାଁ ତହସିଲ କାର୍ଯ୍ୟାଳୟର ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ସଚ୍ଚିଦାନନ୍ଦ ରଥ ଓ ଅମିନ ଦେବେନ୍ଦ୍ରନାଥ ବେଶ୍ରାଙ୍କୁ ଜିଲାପାଳ କମଳଲୋଚନ ମିଶ୍ର ଚିଠି ନମ୍ବର ୩୧୩୨ ଓ ୩୧୩୪ ଅନୁଯାୟୀ ୮ ତାରିଖ ସୋମବାର ନିଲମ୍ବନ କରିଛନ୍ତି । ପୁନର୍ବାର ଆଦେଶ ପର୍ଯ୍ୟନ୍ତ ଏହି ୨ କର୍ମଚାରୀଙ୍କୁ ଉମରକୋଟ ତହସିଲ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ବିନା ଅନୁମତିରେ ସେମାନେ ସଦର ମହକୁମା ଛାଡିପାରିବେ ନାହିଁ ବୋଲି ଆଦେଶ ରହିଛି। ସେହିପରି ଭାବେ ଝରିଗାଁର ତତ୍କାଳୀନ ତହସିଲଦାର ତଥା ରାଇଘର ତହସିଲଦାର ଚିନ୍ମୟୀ ସାଗରଙ୍କୁ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ କୁସୁମୀ ଗ୍ରାମରେ କବିର ଧର୍ମପୀଠ ପାଇଁ ଦଖଲ କରିଥିବା ସରକାରୀ ଜମି ଖାତା ନମ୍ବର -୩୦୭/୨୦୨, ପ୍ଲଟ୍ ନଂ.୭୩୪/୧୭୩୪ ର ୦.୬୪ ଡିସିମିଲ ଜାଗାକୁ ମାନିକପୁରୀ ପନକା ସମାଜର ପୂର୍ବତନ ବ୍ଲକ ସଭାପତି ବଂଶୀଧର ପନକା ମାଆ ଧନମତୀଙ୍କ ନାମରେ ପଟ୍ଟା କରିଥିବା ନେଇ ତହସିଲଦାରଙ୍କୁ ଅଭିଯୋଗ ହୋଇଥିଲା। ଏଥିସହ ଥାନାରେ ଲିଖିତ ଅଭିଯୋଗକରି କବିରପନ୍ଥୀ ପନକା ସମାଜ ଜଣାଇଛନ୍ତି। ଚଳିତ ମାସ ୪ତାରିଖରେ ଉପଜିଲାପାଳ ପ୍ରଶାନ୍ତ ରାଉତ ଝରିଗାଁ ତହସିଲ କାର୍ଯ୍ୟାଳୟକୁ ଆସି ସେଠାରେ ପ୍ରାୟ ୩ ଘଣ୍ଟା ଧରି ତହସିଲଦାର ଏବଂ ରେକର୍ଡ ରୁମ୍ ଦାୟିତ୍ୱରେ ରହିଥିବା ସମସ୍ତ କର୍ମଚାରୀଙ୍କୁ ପଚାରି ସମ୍ପୃକ୍ତ ଘଟଣାର ସମସ୍ତ ଦଲିଲ ଯାଞ୍ଚ କରିଥିଲେ। ଏହାପରେ ଉପଜିଲାପାଳ ଏବଂ ସ୍ଥାନୀୟ ତହସିଲଦାର ମଧୁସୂଦନ ମାଝି କୁସୁମୀ ଗ୍ରାମସ୍ଥିତ କବିର ଧର୍ମପୀଠ ଜାଗାକୁ ଯାଇ ସେଠାରେ ଗ୍ରାମବାସୀ ଏବଂ ଅଭିଯୋଗ କରିଥିବା ଲୋକମାନଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଘଟଣା ପରେ ଝରିଗାଁ ତହସିଲ କାର୍ଯ୍ୟାଳୟରେ ଅନେକ କିଛି ଅନିୟମିତତା ହେଉଥିବାର ଆଶଙ୍କା କରାଯାଉଛି। ଉଚ୍ଚସ୍ତରୀୟ ତଦନ୍ତ ପରେ ଏମିତି ଅନେକ କର୍ମଚାରୀ ଓ ଅଧିକାରୀଙ୍କ ଦୁର୍ନୀତି ପଦାକୁ ଆସିପାରେ ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ବିଶ୍ୱହିନ୍ଦୁ ପରିଷଦ ବ୍ଲକ ସମ୍ପାଦକଙ୍କ ପରଲୋକ

## ଶୋକବ୍ୟକ୍ତ କଲେ ବରିଷ୍ଠ ବ୍ୟକ୍ତି

ଝରିଗାଁ,୯ା୫(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବିଶ୍ୱହିନ୍ଦୁ ପରିଷଦ ବ୍ଲକ ସମ୍ପାଦକ ଶ୍ୟାମସୁନ୍ଦର କାହାଲିଆଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ଅପରାହ୍ନ ୪ଟା୪୫ରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ସେ ଜଣେ ଅବସରପ୍ରାପ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଥିଲେ। ଅବସର ପରେ ସେ ସ୍ଥାନୀୟ ବିଜୁ ଜନତା ଦଳରେ ସଦସ୍ୟତା ଗ୍ରହଣ କରି ଜଣେ ବରିଷ୍ଠ କର୍ମକର୍ତ୍ତାଭାବେ କାର୍ଯ୍ୟ କରୁଥିଲେ। ସେହିପରି ସ୍ଥାନୀୟ ଜଗନ୍ନାଥ ମନ୍ଦିରର ଜଣେ ସକ୍ରୀୟ କର୍ମୀ ରହିଥିଲେ। ଜଣେ ମେଳାପି, ସମାଜିକ କର୍ମୀଭାବେ ତାଙ୍କର ପରିଚୟ ଥିଲା। ତାଙ୍କ ବିୟୋଗରେ ନବରଙ୍ଗପୁର ଏମ୍‌ପି ରମେଶଚନ୍ଦ୍ର ମାଝି, ସ୍ୱତନ୍ତ୍ର ବିକାଶ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝି, ଝରିଗାଁ ବିଧାୟକ ପ୍ରକାଶ ମାଝି, ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# କଂଗ୍ରେସ ନେତାଙ୍କ ବୟାନକୁ ବିରୋଧ କରି ହନୁମାନ ଚାଳିଶା ପାଠ



ଉମରକୋଟ, ୯ା୫(ସ୍ୱ.ପ୍ର.)

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ନିର୍ବାଚନ ଇସ୍ତାହାରରେ ଦଳ କ୍ଷମତାକୁ ଆସିଲେ ବଜରଙ୍ଗ ଦଳକୁ ନିଷିଦ୍ଧ ଘୋଷଣା କରାଯିବ ବୋଲି ଉଲ୍ଲେଖ କରିଥିଲା। ଏହା ବିରୋଧରେ ମଙ୍ଗଳବାର ସନ୍ଧ୍ୟାରେ ଉମରକୋଟ ରାମ ମନ୍ଦିରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହେଇଥିଲା। ଏହି ବୈଠକରେ କଂଗ୍ରେସର ଏପରି ନିଷ୍ପତ୍ତିକୁ ତୀବ୍ର ବିରୋଧ କରାଯାଇଥିଲା। ଏଥିସହ ୧୧ ଥର ହନୁମାନ ଚାଳିଶା ପାଠ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଶ୍ଚିମପ୍ରାନ୍ତର ଧର୍ମ ପ୍ରଚାରକ ତଥା ନବରଙ୍ଗପୁର ଜିଲାର ପାଳକ ଅଧିକାରୀ ସୁଦର୍ଶନ ବାବା, ବିଶ୍ୱ ହିନ୍ଦୁ ପରିଷଦର ସଭାପତି କୃପାରାମ ସାହୁ, ବାଳକୃଷ୍ଣ ପଟ୍ଟନାୟକ, ଅଶୋକ କୁମାର ପ୍ରଧାନ, ସୁନୀଲ ବେହେରା, ହୃଷିକେଶ ରାଓ, କିଶୋର ସାହୁ, ଅଶୋକ ପାତ୍ର ଓ ବଜରଙ୍ଗ ଦଳର ଜିଲା ସଂଯୋଜକ ସୁରଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚାକିରି ଦେବାକୁ କହି ଠକେଇ, ୨ ଗିରଫ

ପାପଡ଼ାହାଣ୍ଡି,୯ା୫, (ଡି.ଏନ୍.ଏ.)


ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକର ବିଭିନ୍ନ ଗ୍ରାମର ଯୁବତୀ ଯୁବକଙ୍କୁ ଚାକିରି ଦେବା ନାମରେ ଜାଲ ନିଯୁକ୍ତି ପତ୍ର ଓ ପରିଚୟ ପତ୍ର ଦେଇ ଠକେଇ ଅଭିଯୋଗରେ ପୋଲିସ ୨ ଜଣକୁ ଗିରଫ କରିଛି। ସେମାନେ ହେଲେ ସାଜିତ ଅମୀୟ ପ୍ରସାଦ ଗୋବର୍ଦ୍ଧନ ଓ ପ୍ରବୀଣ ସୁନା। ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ ଅଭିଯୁକ୍ତଙ୍କ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଅଭିଯୁକ୍ତମାନେ ପାପଡାହାଣ୍ଡି ବ୍ଲକରେ ଆତ୍ମନିର୍ଭର ଭାରତ ସଂସ୍ଥାରେ ଚାକିରି ଦେବା ନାମରେ ଯୁବତୀ ଓ ଯୁବକଙ୍କଠାରୁ ଟଙ୍କା ଆଦାୟ କରି ଜାଲ ନିଯୁକ୍ତି ଓ ପରିଚୟ ପତ୍ର ପ୍ରଦାନ କରିଥିଲେ। ଏସ୍ଏଚ୍‌ଜିଙ୍କୁ ସାମିଲ କରି ସେମାନଙ୍କୁ ଫିନାଇଲ, ସାବୁନ, ଧୂପକାଠି, ଡିସ୍‌ୱାସ ତିଆରି ଲାଗି ତାଲିମ ଦେଲେ ଟଙ୍କା ମିଳିବ ବୋଲି କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଚାକିରି ନ ପାଇବାରୁ ଯୁବତୀମାନେ ଅଭିଯୁକ୍ତଙ୍କୁ ପଚାରିବାରୁ ସନ୍ତୋଷ ଜନକ ଉତ୍ତର ମିଳିନଥିଲା। ଠକାମୀର ଶିକାର ହେବା ଜାଣିବା ପରେ ସେମାନେ ପାପଡାହାଣ୍ଡି ଥାନାରେ ଦ୍ୱାରସ୍ତ ହୋଇଥିଲେ। ଏତଲାକୁ ଭିତ୍ତି କରି କେଶ ନମ୍ବର ୮୧/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ପାପଡାହାଣ୍ଡି, କୋଷାଗୁମୁଡା ଓ ତେନ୍ତୁଲିଖୁଣ୍ଟି ବ୍ଲକରୁ ଅଭିଯୁକ୍ତମାନେ ଜାଲ ନିଯୁକ୍ତି ପତ୍ର ଓ ପରିଚୟ ପତ୍ର ଦେଇ ମିଥ୍ୟା ଚାକିରି ଦେବାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଆଦାୟ କରିଥିଲେ। ପାପଡାହାଣ୍ଡି ଥାନାରେ ପ୍ରଭାତୀ ବିଶୋଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସଂସ୍ଥାର ମଖ୍ୟ ପୂର୍ବରୁ କୋରାପୁଟ ଜେଲରେ ଥିବା ପୋଲିସ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ ପାପଡ଼ାହାଣ୍ଡି ଥାନାଧିକାରୀ ଦୀପକ ଜେନା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମହୁମାଛି ଆକ୍ରମଣରେ ୨୦ରୁ ଉର୍ଦ୍ଧ୍ୱ ଆହତ

ଟିକିରି,୯ା୫(ଡି.ଏନ.ଏ.)

କାଶୀପୁର ବ୍ଲକ ଦୁଡୁକାବାହାଲ ପଞ୍ଚାୟତରେ ୯ ଦିନ ଧରି ଠାକୁରାଣୀ ଯାତ୍ରା ଚାଲି ଆସୁଥିଲା। ମଙ୍ଗଳବାର ଶେଷ ଦିନରେ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା। ଅସ୍ଥାୟୀ ଆସନ ପାଖରେ ଏକ ଗଛରେ ମହୁମାଛି ବସା ରହିଥିବା ବେଳେ ଝୁଣା ବାସନାରେ ମହୁମାଛି ବସାରୁ ବାହାରି ଆସିଥିଲେ। ମହୁମାଛି ଆକ୍ରମଣରେ ୨୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇ ଉଷାପଡାସ୍ଥିତ ଉତ୍କଳ ଆଲୁମିନା ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଛନ୍ତି। ବର୍ତ୍ତମାନ ସମସ୍ତେ ସୁସ୍ଥ ଥିବା ଜଣାପଡିଛି ।

# ରମଣୀ ରଞ୍ଜନ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଫେଡେରେଶନର ରାଜ୍ୟ ସଭାପତି



ଖବରଦାତା ସମ୍ମିଳନୀରେ ରମଣୀ ରଞ୍ଜନ ଓ ଅନ୍ୟମାନେ।

ନବରଙ୍ଗପୁର,୯ା୫(ବି.ପ୍ର.)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଫେଡରେଶନର ରାଜ୍ୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ରମଣୀ ରଞ୍ଜନ ତ୍ରିପାଠୀ। ସେ ମଙ୍ଗଳବାର ନବରଙ୍ଗପୁର ପହଞ୍ଚିବା ପରେ ମାଁ ଭଣ୍ଡାର ଘରଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଡ ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶତାଧିକ ଶିକ୍ଷକଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଯାଇ ସ୍ଥାନୀୟ ସର୍କିଟ ହାଉସରେ ପହଞ୍ଚି ଏକ ଖବରଦାତା ସମ୍ମିଳନୀ କରିଥିଲେ। ବର୍ତ୍ତମାନ ଶିକ୍ଷକଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଛି। ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ସୁଦ୍ଧା କୌଣସି ଶିକ୍ଷାର ପରିବେଶ ନାହିଁ। ଶିକ୍ଷକଙ୍କ ପଦୋନ୍ନତିରେ ଅନେକ ପାତରଅନ୍ତର କରାଯାଉଛି। ଶିକ୍ଷା ବ୍ୟବସ୍ଥାରେ ଅଫିସରେ ଅଫିସରଙ୍କ ରାଜ ଚାଲିଛି। ଆଗାମୀ ଦିନରେ ସଂଘ ଶିକ୍ଷକଙ୍କ ସମସ୍ୟା ସମାଧାନ ସହ ଶିକ୍ଷା ବ୍ୟବସ୍ଥାରେ ଚାଲିଥିବା ଅଫିସର ରାଜକୁ ହଟାଇବାକୁ କାର୍ଯ୍ୟ କରିବ ବୋଲି ଆଲୋଚନା ହୋଇଛି। ପ୍ରାଥମିକ ବିଦ୍ୟାଳୟକୁ ୫-ଟି ଅଧୀନରେ ଅନ୍ତର୍ଭୁକ୍ତ କରି ଶିକ୍ଷା ଦାନ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହେବ ବୋଲି ରମଣୀ ରଞ୍ଜନ ତ୍ରିପାଠୀ କହିଛନ୍ତି। ନବରଙ୍ଗପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସନତ ପ୍ରହରାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଉପସଭାପତି ନଗେଶ୍ୱରୀ ପଟ୍ଟନାୟକ, ସଂଘ ଉପଦେଷ୍ଟା ରତନ ମାଝି, ଜିଲା ସହ ସମ୍ପାଦକ ବିଘ୍ନରାଜ ପାତ୍ର, ନନ୍ଦାହାଣ୍ଡି ବ୍ଲକ ସଭାପତି ଗଳତ କୁମାର ସଗରିଆ, ବୈଦ୍ୟନାଥ ଦାଶ, ନନ୍ଦାହାଣ୍ଡି ବ୍ଲକ ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ, ବୃନ୍ଦାବନ ଚନ୍ଦ୍ର ପାଢ଼ି, ଦୁର୍ଗାମାଧବ ଦାସଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ୨୪ ଘଣ୍ଟା ମଧ୍ୟରେ ଚୋରି ସାମଗ୍ରୀ ଜବତ

ନବରଙ୍ଗପୁର,୯ା୫(ବି.ପ୍ର.)

ଏକ ମୋବାଇଲ ଦୋକାନରୁ ଚୋରି ହୋଇଥିବା ସାମଗ୍ରୀକୁ ୨୪ ଘଣ୍ଟା ମଧ୍ୟରେ ଜବତ କରିଛି ଡାବୁଗାଁ ପୋଲିସ। ଘଟଣାରେ ସମ୍ପୃକ୍ତ ୪ ଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଛି ବୋଲି ନବରଙ୍ଗପୁର ଏସ୍‌ପି ଏସ୍.ସୁଶ୍ରୀ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଡାବୁଗାଁ ଥାନା ଅଧୀନ ଚାଟିଗୁଡ଼ା ଗାଁର ଅଭୟ ଦତ୍ତ ୭ ତାରିଖ ରବିବାର ତାଙ୍କ ମୋବାଇଲ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ସୋମବାର ସକାଳୁ ଦୋକାନ ସଟର ଖୋଲାଥିବା ନେଇ ଅଭୟଙ୍କୁ ପାଖ ଦୋକାନୀ ଜଣାଇଥିଲେ। ଅଭୟ ଦୋକାନରେ ପହଞ୍ଚି ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଜାଣି ସୋମବାର ସକାଳୁ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ କେସ୍ ନମ୍ବର ୯୫/୨୩ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ସଂପୃକ୍ତ ୪ ଜଣ ନାବାଳକକୁ ଥାନାକୁ ଆଣି ପଚରାଉଚରା କରିବା ସହ ସେମାନଙ୍କଠାରୁ ନଗଦ ୧୫ ହଜାର ୨ ଶହ ଟଙ୍କା, ୧୨ଟି ନୂଆ ମୋବାଇଲ, ୮ଟି ପୁରୁଣା ମାବାଇଲ, ଗୋଟିଏ ଲାମିଲେଶନ ମେଶିନ, ମନିଟର, ପାୱାର ବ୍ୟାଙ୍କ, ଚାର୍ଜର, ୟୁଏସ୍‌ବି କେବୁଲ, ଇୟର ଫୋନ, ବ୍ଲୁଟୁଥ୍ ଡିଭାଇସ ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଚନ୍ଦ୍ରଶେଖର ହୋତା, ଡାବୁଗାଁ ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଏସ୍‌ପି ଚୋରି ସମ୍ପର୍କରେ ସୂଚନା ଦେଉଛନ୍ତି।

# ବିଦାୟକାଳୀନ ସମ୍ବର୍ଦ୍ଧନା



କୋଷାଗୁମୁଡ଼ା, ୯ା୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ପଣ୍ଡୁଗୁଡା ଆଦର୍ଶ କଲ୍ୟାଣ ମଣ୍ଡପରେ ମଙ୍ଗଳବାର କୋଷାଗୁମୁଡ଼ା ବ୍ଲକ ଜିଆର୍‌ଏସ୍ ଈଶ୍ୱର ମାଝିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କୋଷାଗୁମୁଡ଼ା ପଞ୍ଚାୟତ ସମିତି ଏପିଓ ଜ୍ୟୋତି ପ୍ରକାଶ ବେହେରା, ସିପି ଚିନ୍ମୟ ପଟ୍ଟନାୟକ, ବ୍ଲକ ଜିଆର୍‌ଏସ୍ ସଂଘ ସଭାପତି ପ୍ରଦୀପ କୁମାର ବିଷୋୟୀ, ସମ୍ପାଦକ ତୁଷାରକାନ୍ତ ପଟ୍ଟନାୟକ, ରୁନା ବକ୍ସି, ଏମ୍‌ଡି ଫରିଦ୍‌ଖାନ୍ ଓ ସମସ୍ତ ପଞ୍ଚାୟତ ଜିଆର୍‌ଏସ୍ ଉପସ୍ଥିତ ଥିଲେ। ଈଶ୍ୱର ମାଝି କୋଷାଗୁମୁଡ଼ା ବ୍ଲକରୁ ବର୍ତ୍ତମାନ ଉମରକୋଟକୁ ବଦଳି ହୋଇ ଯାଇଛନ୍ତି। କାର୍ଯ୍ୟକ୍ରମରେ ପରିଚାଳନାରେ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ତହସିଲଦାରଙ୍କୁ ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳୀୟ ଗଣ ପରିଷଦର ଦାବିପତ୍ର

ତେନ୍ତୁଲିଖୁଣ୍ଟି, ୯ା୫(ଡି.ଏନ୍.ଏ.)


ତହସିଲଦାର ଦାବିପତ୍ର ଗ୍ରହଣ କରୁଛନ୍ତି ।

ବିସ୍ଥାପିତ ପରିବାର ସମସ୍ୟା ସମାଧାନ କରିବାକୁ ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳୀୟ ଗଣ ପରିଷଦ ପକ୍ଷରୁ ମଙ୍ଗଳବାର ତେନ୍ତୁଲିଖୁଣ୍ଟି ତହସିଲଦାର ପ୍ରଦୀପ କୁମାର କରଙ୍କୁ ଦାବି ଜଣାଯାଇଛି। ପରିଷଦର ଦାବିକୁ ସପ୍ତାହକ ମଧ୍ୟରେ ତଦନ୍ତ କରି ସମାଧାନ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ଦ୍ୱାରା ଛଅ ହଜାର ତେତିଶ ବିସ୍ଥାପିତ ହୋଇଛନ୍ତି। ବିସ୍ଥାପିତ ପରିବାରଙ୍କୁ ସରକାର ତାଙ୍କ ଟଙ୍କାରେ ହିଁ ଜମି କିଣି ଦେଇଥିଲେ। ଯାହା ଦୀର୍ଘ ତେତିଶ ବର୍ଷ ହେବାକୁ ଯାଉଛି। କିନ୍ତୁ ପ୍ରଶାସନ ବର୍ତ୍ତମାନ ସୁଦ୍ଧା ଜମି ପଟ୍ଟା କରି ପାରିନାହାନ୍ତି। ତେନ୍ତୁଲିଖୁଣ୍ଟି ତହସିଲରେ ବର୍ତ୍ତମାନ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଦସ୍ତାବିଜ ପଟ୍ଟା ପାଇଁ ଆବେଦନ ପଡି ରହିଛି। ହେଲେବି ତାଙ୍କୁ ପଟ୍ଟା ପ୍ରଦାନ କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ଆଦାନୀ ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ସୋଲାର ପାୱାର ପ୍ଲାଣ୍ଟ ଅନେକ ଆଦିବାସୀ, ଦଳିତ ବିସ୍ଥାପିତ ପରିବାରଙ୍କ ଜମିକୁ ଅକ୍ତିଆର କରି ନେଇଛି। ସରକାର ବିସ୍ଥାପିତ ପରିବାରଙ୍କ ପାଞ୍ଚ ଏକର ରୁ ଶହେ ଏକର ଜମି ନେଇ ବିସ୍ଥାପିତଙ୍କୁ ୧.୫୦ ସେଣ୍ଟ ଜମି ପ୍ରଦାନ କରିଥିଲେ। ବର୍ତ୍ତମାନ ତାହା ବି ସୋଲାର ପାୱାର ପ୍ଲାଣ୍ଟ ନେଇଗଲା। ଗତ ୨୭ ଜୁଲାଇ ୨୦୨୨ରେ ପତ୍ର ମାଧ୍ୟମରେ ଅବଗତ କରାଯାଇ ଥିଲା। ଦୀର୍ଘ ଦଶ ମାସରୁ ଉର୍ଦ୍ଧ୍ୱ ହେବ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ୨୦୦୯ରୁ ପଟ୍ଟା ଆବେଦନ କରିଥିଲେ ମଧ୍ୟ ପୂର୍ବ ଜମି ମାଲିକମାନେ କିଭଳି ସୋଲାର ପ୍ଲାଣ୍ଟରେ ଜମି ବିକ୍ରି କଲେ ଓ ସୋଲାର ପ୍ଲାଣ୍ଟ ଜମିର ମାଲିକାନା ଅଧିକାର କିଭଳି ପାଇଲା ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବିସ୍ଥାପିତ ପରିବାର ୨୦୧୮ରେ ଉକ୍ତ ଜମି ଅକ୍ତିଆରରେ ଥିଲେ। ହେଲେ ତତ୍କାଳୀନ ରାଜସ୍ୱ ନିରୀକ୍ଷକ କିଭଳି ଅକ୍ତିଆରରେ ନାହାନ୍ତି ବୋଲି ତଥ୍ୟ ପ୍ରଦାନ କଲେ ତାହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ବିସ୍ଥାପିତ ପରିବାରଙ୍କୁ ନ୍ୟାୟ ପ୍ରଦାନ କରାଯାଉବୋଲି ଇନ୍ଦ୍ରାବତୀ ବୁଡି ଅଞ୍ଚଳିୟ ଗଣ ପରିଷଦ ପକ୍ଷରୁ ଦାବି କରାଯାଇଛି।

**ଗୋ ହତ୍ୟା, ମାଂସ ବିକ୍ରି ଅଭିଯୋଗରେ ୭ ଅଟକ**

ମାଲକାନଗିରି,(ଡି.ଏନ୍.ଏ.)-ଗୋ ହତ୍ୟା, ମାଂସ ବିକ୍ରି ଅଭିଯୋଗରେ ମାଲକାନଗିରି ପୋଲିସ ୭ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ମାଲାକନଗିରି ଥାନା ଏମଭି-୭ ନମ୍ବର ଗ୍ରାମର କେନାଲ ନିକଟରେ ଏକ ଗାଈକୁ ମାରି ମାଂସ ବିକ୍ରି ଚାଲିଥିବା ଖବରପାଇ ଥାନା ଏସ୍ଆଇ ପ୍ରଭାତ ଗେଡ ସେଠାରେ ଚଢ଼ାଉ କରି ଘଟଣାସ୍ଥଳରୁ ବହୁ ପରିମାଣରେ ମାଂସ ଜବତ କରିଥିଲେ। ଘଟଣାରେ ସମ୍ପୃକ୍ତ ୭ ଜଣଙ୍କୁ ପୋଲିସ ଅଟକ ରଖିଛି। ଏନେଇ ଏସ୍ଆଇଙ୍କ ଅଭିଯୋଗ କ୍ରମେ ମାଲକାନଗିରି ଥାନା କେସ୍ ନଂ ୨୬୦/୨୩ରେ ମାମଲା ରୁଜୁ ହୋଇଛି। ପୋଲିସ ଗାତ ଖୋଳି ମାଂସକୁ ପୋତି ଦେଇ ଅଟକ ଯୁବକଙ୍କୁ ପଚରାଉଚୁରା କରୁଛି।





କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳା ପ୍ରତିବାଦରେ ମଙ୍ଗଳବାର ବନ୍ଦ ହୋଇଥିବା କୋରାପୁଟ , ଜୟପୁର।



ବୈପାରିଗୁଡ଼ା



ଦଶମନ୍ତପୁର




କୁନ୍ଦୁରା

# କଂଗ୍ରେସ ପକ୍ଷରୁ ୧୨ ଘଣ୍ଟା କୋରାପୁଟ ଜିଲା ବନ୍ଦ

**ଜୟପୁର/କୋରାପୁଟ/ସେମିଳିଗୁଡ଼ା/ ସୁନାବେଡ଼ା,୯।୫(ନି.ପ୍ର./ସ୍ୱ.ପ୍ର.)**

- ଜିଲାବାସୀଙ୍କ ସହ ସିପିଆଇ ଦେଲା ସମର୍ଥନ
- ବନ୍ଦରୁ ଜରୁରିକାଳୀନ ସେବାକୁ ବାଦ୍ ଦିଆଯାଇଥିଲା
- କୋରାପୁଟରେ ବଣିକ ସଂଘ, ବସ୍, ଟ୍ରକ୍ ମାଲିକ ସଂଘ ସହ ଅନ୍ୟମାନେ କରିଥିଲେ ସମର୍ଥନ

ଜିଲା କଂଗ୍ରେସ ମଙ୍ଗଳବାର କୋରାପୁଟ ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରିଛି। ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଆହ୍ୱାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଜିଲାବାସୀ ଓ ସିପିଆଇ ସମର୍ଥନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାକୁ ଅବହେଳା କରୁଥିବା ଅଭିଯୋଗ ଆଣି କଂଗ୍ରେସ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି। ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ-୨୬ର ମୁଖ୍ୟ ଟ୍ରାଫିକ ଛକ ଏବଂ ଆମ୍ବାଗୁଡ଼ା ଓ ଗାନ୍ଧୀଛକଠାରେ ରାସ୍ତା ଅବରୋଧ କରି ବନ୍ଦ ପାଳନ କରାଯାଇଥିଲା। ଏହି ସମୟରେ ଦୋକାନ, ବଜାର, ଚକଅଖ, ସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିଥିଲା। ରାସ୍ତା ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିବା ଦେଖାଯାଇଥିଲା। ଜୟପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା, କୋରାପୁଟ ଜିଲାର ଶିକ୍ଷିତ ଯୁବତୀଯୁବକଙ୍କୁ ନିଜ ଜିଲାରେ ନିଯୁକ୍ତି ଦେବା, ଜିଲାର ସି.ଟି., ବି.ଏଡ୍. ଏବଂ ଡିଆଇଇଟି ତାଲିମପ୍ରାପ୍ତ ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ କୋରାପୁଟ ଜିଲାରେ ଶିକ୍ଷୟିତ୍ରୀ ଶିକ୍ଷକ ରୂପେ ନିଯୁକ୍ତି ଦେବା, ଜିଲାରେ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀଗୁଡ଼ିକରେ ସ୍ଥାନୀୟ ନିଯୁକ୍ତି ଦେବା, ଜିଲାର ତାଲିମପ୍ରାପ୍ତ ଏଏନ୍ଏମ୍ ଏବଂ ବିଏସ୍ସି ନର୍ସ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, କୋରାପୁଟ ବି.ଏଡ୍. କଲେଜରେ ଖାଲିପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ, ବନ୍ଦ ଥିବା ବି.ଏଡ୍. କଲେଜକୁ ଶହେ ସିଟ୍ ବିଶିଷ୍ଟ କରି ଖୋଲିବା, ଜୟପୁରରେ କେନ୍ଦ୍ରୀୟ ଡ୍ରାଇଭିଂ ତାଲିମ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଆଦି ଦାବିକରି କଂଗ୍ରେସ ଏହି ବନ୍ଦ ଡାକରା ଦେଇଥିଲା। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବନ୍ଦ ପାଳନ ବେଳେ କୌଣସି ସ୍ଥାନରେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡ଼ିଛି। ବିଧାୟକ ବାହିନୀପତିଙ୍କ ସହ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ନିହାର ବିଷୋୟୀ, ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଜିଲା ମହିଳା ସଭାନେତ୍ରୀ ନଳିନୀ ରଥ, କାନ୍ତ ପାଢ଼ୀ, ଶରତ ଚନ୍ଦ୍ର ବୁରୁଦାଙ୍କ ସମେତ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ। ଏହି ବନ୍ଦ ଡାକରାକୁ କୋରାପୁଟ ଜିଲା ସିପିଆଇ ସମର୍ଥନ କରିଥିଲା। ସିପିଆଇ ପକ୍ଷରୁ ଟ୍ରାଫିକ ଛକରେ ଦଳୀୟ ପତାକା ଓ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ କୋରାପୁଟ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ସତ୍ୟବ୍ରତ ନନ୍ଦ, ସୁଶାନ୍ତ ଅଧିକାରୀ, ରାମକୃଷ୍ଣ ଦାସ ପ୍ରମୁଖ ସାମିଲ ହୋଇଥିଲେ। କଂଗ୍ରେସର ସମସ୍ତ ଦାବିକୁ ସମର୍ଥନ କରିବା, ମହିଳା କୁସ୍ତି ଖେଳାଳିଙ୍କୁ ନ୍ୟାୟ, କୋଟିଆ ବିବାଦର ସମାଧାନ, କାଗଜକଳ ସମସ୍ୟା ସମାଧାନ ଦାବି ନେଇ ସିପିଆଇ ବନ୍ଦରେ ସାମିଲ ହୋଇଥିଲା ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ବନ୍ଦ ଯୋଗୁ ଜୟପୁର ଟାଉନଥାନାରେ ୪୦ ଏବଂ ସଦର ଥାନାରେ ୩୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।

ଅନ୍ୟପକ୍ଷରେ କୋରାପୁଟରେ ହୋଇଥିବା ଏହି ବନ୍ଦରେ ପୂର୍ବତନ ବିଧାୟକ ନିମାଇଁ ସରକାର, କୃଷ୍ଣ କୁଳଦୀପ, ରୂପକ ତୁରୁକ, ଜଗଦୀଶ ଖୋସ୍ଲା, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ବାବୁଲା ବେନିଆଙ୍କ ସମେତ ବହୁ କଂଗ୍ରେସ କର୍ମୀ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧକରି ରାଜ୍ୟ ଓ କେନ୍ଦ୍ର ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ଜରୁରିକାଳୀନ ସେବାକୁ ବାଦ୍ ଦିଆଯାଇଥିଲା। କୋରାପୁଟରେ କଂଗ୍ରେସର ବନ୍ଦ ଡାକରାରେ କୋରାପୁଟ ବଣିକ ସଂଘ, ବସ୍ ଓ ଟ୍ରକ୍ ମାଲିକ ସଂଘ ସମେତ ଏଠାରେ ଥିବା ଅନ୍ୟ ସଙ୍ଗଠନଗୁଡ଼ିକ ବନ୍ଦକୁ ସମର୍ଥନ କରିଥିଲେ।

ସେହିପରି ସେମିଳିଗୁଡ଼ା ଓ ସୁନାବେଡ଼ାରେ ମଧ୍ୟ କଂଗ୍ରେସ କର୍ମୀ ଟ୍ରାଫିକ ଛକ ଏବଂ ନାଲ୍କୋ ଛକ ନିକଟରେ ରାସ୍ତାରେ ଦଉଡ଼ି ବାନ୍ଧି ଅବରୋଧକରି ବନ୍ଦ ପାଳନ କରିଛନ୍ତି। ଏହି ସମୟରେ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବନ୍ଦ ପ୍ରଭାବରେ ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ବହୁସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଥିଲା। ଉଭୟ ସହରରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବାରୁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ବନ୍ଦରେ ସୁନାବେଡ଼ା ଟ୍ରାଫିକ ଛକଠାରେ କଂଗ୍ରେସର ସହରାଞ୍ଚଳ ସଭାପତି ନରି ସମାରେଡିଙ୍କ ନେତୃତ୍ୱରେ ଏମ୍ପି ପ୍ରତିନିଧି ମହେଶ ଚେଟି, ଉପସଭାପତି ଦୁଃଶାସନ ବାରିକ ଓ ଯୁବ ସଭାପତି ସିଦ୍ଧାର୍ଥ ତ୍ରିପାଠୀ ସାମିଲ ହୋଇଥିବା ବେଳେ ସେମିଳିଗୁଡ଼ା ନାଲ୍କୋ ଛକ ନିକଟରେ ଜୋନ୍ ୨ ଜିଲା ପରିଷଦ ସଭ୍ୟ ମୋହନ ଜାନି ବନ୍ଦର ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ୫୦ରୁ ଉର୍ଦ୍ଧ୍ୱ ଅଭିଯୋଗ ଶୁଣିଲେ ଜିଲାପାଳ

ମାଥିଲି,୯।୫(ଡି.ଏନ୍.ଏ.)-ମାଲକାନଗିରି ଜିଲା ମାଥିଲି ବ୍ଲକ କାର୍ଯ୍ୟାଳୟଠାରେ ଆୟୋଜିତ ଜନଶୁଣାଣିରେ ଜିଲାପାଳ ବିଶାଲ ସିଂହ ୫୦ରୁ ଉର୍ଦ୍ଧ୍ୱ ଅଭିଯୋଗର ଶୁଣାଣି କରିଛନ୍ତି। ଅଭିଯୋଗଗୁଡ଼ିକ ମଧ୍ୟରେ ଏମ୍ଜିଏନ୍ଆର୍ଇଜିଏସ୍ ରାସ୍ତା, ସ୍ୱାସ୍ଥ୍ୟସେବା, ଜଳ ଯୋଗାଣ, ଶିକ୍ଷା ଆଦି ସମସ୍ୟା ରହିଥିଲା। ଉଦୁଲିବେଡ଼ା ସରପଞ୍ଚ ଓ ଜନସାଧାରଣ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି, ଦାଦନ ଯିବା ବନ୍ଦ କରିବା ଲାଗି ଦାବି କରିଥିଲେ। ସେହିପରି ଉଦୁଲିବେଡ଼ା ସରପଞ୍ଚ ନନ୍ଦକିଶୋର ଖିଲ ଗତ ୨ବର୍ଷ ହେଲା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସେ ଲିଖିତ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଥିଲେ। ଏନେଇ ଆଗାମୀ ଦିନରେ ସେ ମାଥିଲି ବ୍ଲକ କାର୍ଯ୍ୟାଳୟଠାରେ ଧାରଣା ଦେବେ ବୋଲି କହିଥିଲେ। ଶୁଣାଣିରେ ସ୍ଥାନୀୟ ମହିଳାମାନେ ଏମ୍ଜିଏନ୍ଆର୍ଇଜିଏସ୍‌ରେ ପୋଖରୀ ଖନନ କରି ଏ ଯାଏ ମଜୁରି ଟଙ୍କା ପାଇ ନ ଥିବା ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ମାଥିଲି ଏପି ଓ ଲିଙ୍ଗରାଜ କର୍କରାଙ୍କୁ ପଚାରିବାରୁ ସମ୍ପୃକ୍ତା ମହିଳାମାନେ ୨୦୨୨ ଯାଏ ସେମାନଙ୍କ ଟଙ୍କା ପାଇଥିବା ଏବଂ ୨୦୨୩ର ଟଙ୍କା କେନ୍ଦ୍ରରୁ ଆସିଲେ ସିଧାସଳଖ ସେମାନଙ୍କ ଜମାଖାତାରେ ଡିପୋଜିଟ୍ କରାଯିବ ବୋଲି କହିଥିଲେ। ଶୁଣାଣିରେ ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ ବାକା, ବିଡିଓ ହୃଷୀକେଶ ଗଣ୍ଡ, ତହସିଲଦାର ଚନ୍ଦନ ଭୋଇଙ୍କ ସହ ମାଲକାନଗିରି ଜିଲାର ସମସ୍ତ ଅଧିକାରୀ, ଜନପ୍ରତିନିଧି,ଜନସାଧାରଣ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ବେଆଇନ ମୋରମ ଖନନ ଉପରେ ଚଢ଼ାଉ: ଟିପ୍ପର, ଟ୍ରକ୍ ଜବତ

ମାଲକାନଗିରି,୯।୫ (ଡି.ଏନ୍.ଏ.)-ମାଲକାନଗିରି ସଦର ବ୍ଲକ ଗୌଡଗୁଡା ପଞ୍ଚାୟତ ତେନ୍ତୁଲିଗୁଡା ଗ୍ରାମରେ ବେଆଇନ ମୋରୁମ ଖୋଳା ଯାଉଥିବା ଖବର ପାଇ ମାଲକାନଗିରି ତହସିଲଦାର ଓ ପୋଲିସ ଚଢାଉ କରି ଟିପ୍ପର ଓ ଟ୍ରକ ଜବତ କରିଛନ୍ତି। ତେନ୍ତୁଲିଗୁଡା ଗ୍ରାମରେ ଗତ କିଛିଦିନ ଧରି ବେଆଇନ ଭାବେ ମୋରମ ଖନନ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ତହସିଲଦାର ସବିର ଶାହା ଟିମ୍ ସହ ଚଢାଉ କରିଥିଲେ। ପୋଲିସ ଓ ତହସିଲଦାରଙ୍କୁ ଦେଖି ଚୋରା ବ୍ୟବସାୟୀ ଓ ଗାଡି ଡ୍ରାଇଭର ସେଠାରୁ ଫେରାର ହୋଇ ଯାଇଥିଲେ। ଘଟଣା ସ୍ଥଳରୁ ଗୋଟିଏ ପୋକଲିନ, ଗୋଟିଏ ଟିପ୍ପର ଓ ଗୋଟିଏ ଟ୍ରକକୁ ତହସିଲଦାର ଜବତ କରିଥିବା ଜଣାପଡିଛି।

## କାଳବୈଶାଖୀ ବର୍ଷାରେ ଭାଙ୍ଗିଲା ଘର, ବିଦ୍ୟୁତ୍ ସେବା ବନ୍ଦ

**କୋରାପୁଟ,୯।୫(ସ୍ୱ.ପ୍ର.)**

କାଳ ବୈଶାଖୀ ବର୍ଷା ପ୍ରଭାବରେ ମଙ୍ଗଳବାର ସନ୍ଧ୍ୟାରେ କୋରାପୁଟ ସହର ସମେତ ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। କେତକ ସ୍ଥାନରେ ଗଛ ଡାଳ ଭାଙ୍ଗି ପଡ଼ି ଘର ଭାଙ୍ଗିଥିବା ସୂଚନା ମିଳିଛି। ଏଥିଯୋଗୁ କୋରାପୁଟ ସହର ସମେତ ଆଖପାଖ ଅଞ୍ଚଳରେ ବିଦ୍ୟୁତ ସେବା ପ୍ରଭାବିତ ହୋଇଛି। ମଙ୍ଗଳବାର ସନ୍ଧ୍ୟା ୫ଟାରେ କାଳ ବୈଶାଖୀ ଯୋଗୁ ପ୍ରବଳ ପବନ ସହ ବର୍ଷା ଓ ହୋଇଥିଲା। ଏଥିଯୋଗୁ କୋରାପୁଟ ସହରର ସମେତ ଡୁମୁରିପୁଟ, ଲଣ୍ଡିଗୁଡା, ଓଏମ୍ପି, ପୋଡ଼ାଗଡ଼, ବଙ୍ଗଳାଗୁଡ଼ା, ବାଉଁଶଗୁଡ଼ା, ମହାଦେଇପୁଟ, ମହିପୁଟ ଆଦି ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିଛି। କୋରାପୁଟ-ରାୟଗଡ଼ା ରାସ୍ତାର ବଙ୍ଗଳାଗୁଡା ଗ୍ରାମ ନିକଟରେ ଏକ ବିରାଟ ଗଛ ଉପୁଡ଼ିବା ଫଳରେ ରାଞ୍ଚି ବିଜୟାୱାଡା ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଛି । କୋରାପୁଟ-ରାୟଗଡା ଗାଡି ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ସେହିପରି କୋରାପୁଟର ରୁଡିଆମ୍ବ, ବାଉଁଶଗପୁଟ, ଡୁରୁଗୁଡ଼ା, ଲାଣ୍ଡିଗୁଡ଼ା ଅଞ୍ଚଳରେ ବହୁ ଗଛ ଓ ଘର ଭାଙ୍ଗିଥିବା ଜଣାଯାଇଛି। ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ କର୍ମଚାରୀମାନେ ଉଦ୍ୟମ ଜାରି ରଖିଛନ୍ତି ।

## ୫-ଟିରେ ରୂପାନ୍ତରିତ ହେଲା ୪୯ ବିଦ୍ୟାଳୟ

**ମାଲକାନଗିରି,୯।୫(ଡି.ଏନ.ଏ.)**




ଲୋକାର୍ପିତ ୫-ଟି ବିଦ୍ୟାଳୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

୫-ଟି ବିଦ୍ୟାଳୟ ରୂପାନ୍ତରୀ କରଣ ଅଭିଯାନର ତୃତୀୟ ପର୍ଯ୍ୟାୟରେ ମଙ୍ଗଳବାର ମାଲକାନଗିରି ଜିଲାର ୪୯ଟି ବିଦ୍ୟାଳୟକୁ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭିଡିଓ କନଫରେନ୍ସି ଜରିଆରେ ମୁଖ୍ୟମନ୍ତ୍ରୀ ଏହାର ଉଦଘାଟନ କରିଥିଲେ। ଏହା ପିଲାଙ୍କୁ ଶିକ୍ଷା ପ୍ରତି ଅଧିକ ଆକୃଷ୍ଟ କରିବାରେ ସହାୟକ ହେବ ବୋଲି ଶିକ୍ଷାବିତମାନେ ମତ ଦେଇଛନ୍ତି। ରୂପାନ୍ତରିତ ହୋଇଥିବା ବିଦ୍ୟାଳୟ ମଧ୍ୟରେ ମାଲକାନଗିରି ବ୍ଲକର ୭ଟି, ମାଲକାନଗିରି ପୌରାଞ୍ଚଳରେ ଗୋଟିଏ, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଗୋଟିଏ, ଖଇରପୁଟ ବ୍ଲକର ୬ଟି, କୋରୁକୋଣ୍ଡା ବ୍ଲକର ୪ଟି, ଚିତ୍ରକୋଣ୍ଡା ବ୍ଲକର ୬ଟି, ମାଥିଲି ବ୍ଲକର ୮ଟି, କାଲିମେଳା ବ୍ଲକର ୧୦ଟି ଓ ପଡିଆ ବ୍ଲକର ୬ଟି ବିଦ୍ୟାଳୟ ରହିଛି। ମାଲକାନଗିରି ଗନ୍ଧିପାଲ୍ଲୀସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଉଦ୍ଘାଟନ କାର୍ଯ୍ୟକ୍ରମ ହୋଇଥିଲା। ଏହି ସମୟରେ ୫-ଟି ସଚିବ ଭିକେ ପାଣ୍ଡିଆନ ଉପସ୍ଥିତ ଥିଲେ। ଏହି ଅବସରରେ ୫-ଟି ସଚିବ ପାଣ୍ଡିଆନ ବିଦ୍ୟାଳୟର ଛାତ୍ରୀ ସୁପ୍ରିୟା ରାୟଙ୍କ ସହ କଥା ହୋଇଥିଲେ। ସେ ସୁପ୍ରିୟାଙ୍କୁ ଭବିଷ୍ୟତରେ କଣ ହେବାକୁ ଆଶା ରଖିଛ ବୋଲି ପଚାରିବାରୁ ଛାତ୍ରୀ ଜଣଙ୍କ ଭବିଷ୍ୟତରେ ଡାକ୍ତର ହେବାକୁ ଆଶ ରଖିଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଜିଲାପାଳ ବିଶାଳ ସିଂ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝିଙ୍କ ସହ ବହୁ ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଆଧ୍ୟାତ୍ମିକ ରହସ୍ୟ ଉନ୍ମୋଚନ କରୁଛି ଯୋଗିଶ୍ୱରୀଙ୍କ ଗ୍ରନ୍ଥ

**ମାଲକାନଗିରି,୯।୫ (ଡି.ଏନ୍.ଏ.)**

ତ୍ରିମତ ଏକୈକ ଗୁରୁ ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, ଶତାଧିକ ଗ୍ରନ୍ଥର ରଚୟିତା ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗିଶ୍ୱରୀଙ୍କ ରଚିତ ଗ୍ରନ୍ଥ ତ୍ରୈତ ସିଦ୍ଧାନ୍ତ ଓଡ଼ିଆ ଭାଷାରେ ଅନୁବାଦ ହେବା ପରେ ଏହା ଆଧ୍ୟାତ୍ମିକ ରହସ୍ୟ ଉନ୍ମୋଚନ କରିପାରୁଥିବା ମତପ୍ରକାଶ ପାଉଛି। ଓଡ଼ିଶାର ମାଲକାନଗିରି, ଖୋର୍ଦ୍ଧା, ରାୟଗଡା ଜିଲାର ଇନ୍ଦୁଶ୍ରୀ ସଭ୍ୟମାନେ ଏବଂ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ବିଜୟନଗର, ଶ୍ରୀକାକୁଲମ୍, ବିଜୟରାମ ପୁରମ, ବୌଦ୍ଧ, ଗଜପତି ଆଦି କମିଟିର ସଭ୍ୟମାନେ ଓଡିଆ ଭାଷାରେ ଅନୁବାଦିତ ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥାବଳୀ ଗ୍ରାମାଞ୍ଚଳ ସହ ଅନ୍ୟ ସ୍ଥାନରେ ବୁଲି ପ୍ରଚାର କରୁଛନ୍ତି। ଏହି ପରିପ୍ରେ କ୍ଷୀରେ ମାଲକାନଗିରି ସଦର ମହକୁମାରେ ରାୟଗଡା ଜିଲାର ଇନ୍ଦୁଶ୍ରୀ ବିଶ୍ୱେଶ୍ୱର ରାଓ, ବିଜୟନଗରମ କମିଟି ସଭାପତି ଗୋବିନ୍ଦ ବର୍ମା ରାଓ, ଶ୍ରୀନିବାସ, ସନ୍ତୋଷ କୁମାର, ତ୍ରିନାଥ ରାଓଙ୍କ ସହ ଅନ୍ୟମାନେ ହୋଇଥିବା କାର୍ଯ୍ୟରକ୍ରମରେ ଭାଗ ନେଇଥିଲେ। ଆସନ୍ତା ୧୫ ଯାଏ ଏହା ଚାଲିବ ବୋଲି ଇନ୍ଦୁଶ୍ରୀ ଶଙ୍କର ରାଓ କହିଛନ୍ତି।

## ମାଲକାନଗିରିରେ ରେଡ୍‌କ୍ରସ୍ ଦିବସ ପାଳିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ମାଲକାନଗିରି,୯।୫(ଡି.ଏନ.ଏ.)**

ମାଲକାନଗିରି ମହାବିଦ୍ୟାଳୟଠାରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଯାଇଛି। ଜିଲା ରେଡକ୍ରସ ସଂସ୍ଥା ଅଧ୍ୟକ୍ଷ ତଥା ଜିଲାପାଳ ବିଶାଳ ସିଂଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଆୟୋଜିତ ସଭାରେ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ତଥା ଜିଲା ରେଡ୍‌କ୍ରସ୍‌ର ଉପାଧ୍ୟକ୍ଷ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତଙ୍କ ମଧ୍ୟରେ ସେବା ଭାବର ଉଦ୍ରେକ ଲାଗି ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଚିକିତ୍ସାଧୀକାରୀ ଡ. ଧନେଶ୍ୱର ମହାପାତ୍ର ମଦର୍ ଟେରେସାଙ୍କ ଜୀବନରେ ସେବା ମନୋଭାବର ଉତ୍ତରଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଶୋକ ଷଡଙ୍ଗୀ, ମାଲକାନଗିରି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ଡ. ହେନେରିତା ମିଶ୍ର, ଜିଲା ଯୁବ ରେଡ୍‌କ୍ରସ ସଂଯୋଜକ ଡ. ଆଶିଷ ରାଠୋର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଜିଲା ଯୁବ ରେଡ୍‌କ୍ରସ ଆବାହକ ଡ. ରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଜୁନିୟର ରେଡକ୍ରସ ଅଧିକାରୀ ରଶ୍ମି ରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।

## ଟ୍ରାକ୍ଟର ଦୁର୍ଘଟଣାରେ ମୃତ ପରିବାରଙ୍କୁ ଭେଟିଲେ ଏମ୍‌ପି

**ଚିତ୍ରକୋଣ୍ଡା,୯।୫(ଡି.ଏନ.ଏ.)**

ନିକଟରେ ଘଟିଥିବା ଟ୍ରାକ୍ଟର ଦୁର୍ଘଟଣାରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡପଦର ଗ୍ରାମର ଯମୁନା ଖରା, ସହଦେବ ଖିଲ, ବାଙ୍ଗାରାମ ଖେମୁଡୁ ଓ ଗୁରୁ ହନ୍ତାଳଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସେମାନଙ୍କ ପରିବାରକୁ ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝୀ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ପ୍ରତି ପରିବାରକୁ କ୍ଷତି ପୂରଣ ବାବଦ ରାଶି ୩ ଲକ୍ଷ ଲେଖାଏ ଟଙ୍କା ଖୁବ ଶୀଘ୍ର ପରିବାର ଲୋକଙ୍କୁ ମିଳିଯିବ ବୋଲି ଆଶ୍ୱସନା ଦେଇଥିଲେ। ସୂଚନାଯୋଗ୍ୟ, ଗତ ୧୩।୪।୨୩ରେ ବଡପଦର ପଞ୍ଚାୟତ ପଡପଦର ଗ୍ରାମର ୧୫ ଜଣ ଏକ ଟ୍ରାକ୍ଟର ଯୋଗେ ସ୍ୱାଭିମାନ ଅଞ୍ଚଳର ଗାଜୁଲୁମାମୁଡି ପଞ୍ଚାୟତ ତଣ୍ଡାଗୁଡ଼ା ଗ୍ରାମକୁ ଏକ ଭୋଜିରେ ଯୋଗଦେଇ ବନ୍ଧୁ ଘରୁ ଫେରୁଥିବା ବେଳେ ବଡ଼ପୁଟ ଘାଟିରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଉପରୋକ୍ତ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଥିଲେ।



ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସହାୟତା ଦେଉଛନ୍ତି ଏମ୍‌ପି।

## ପାଡୁଆରେ ପାନୀୟ ଜଳ ପ୍ରକଳ୍ପ ଅଚଳ

**ନନ୍ଦପୁର, ୯।୫ (ଡି.ଏନ୍.ଏ.)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତର ତଳସାହି ଓ ବଜାର ପାଇଁ ରହିଥିବା ପାନୀୟ ଜଳ ପ୍ରକଳ୍ପ ଗତ ୧୦ଦିନ ହେଲା ଅଚଳ ହୋଇପଡ଼ିଛି। ଉପରସାହି ପାଇଁ ନିର୍ମିତ ଜଳପ୍ରକଳ୍ପ ନିର୍ମାଣ ସରିବାର ୩ ମାସ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ସେହିଭଳି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ଏକାଧିକ ନଳକୂପ ଅଚଳ ହୋଇପଡ଼ିଛି। ଲୋକେ ପାନୀୟ ଜଳ ମୁନ୍ଦେ ପାଇଁ ଜଳକଷ୍ଟ ଭୋଗୁଛନ୍ତି। ଯେଉଁ ନଳକୂପ କାର୍ଯ୍ୟକ୍ଷମ ରହିଛି ସେଠାରୁ ପାଣି ନେବାକୁ ମହିଳାଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଅନେକ ସମୟରେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଚମ୍ପାପୁଟ ବିଦ୍ୟାଳୟ ନିକଟରେ ଥିବା ନଳକୂପ ବହୁଦିନ ହେଲା ଅଚଳ ପଡ଼ିଛି। ଉକ୍ତ ନଳକୂପ ଜଳ ବିଦ୍ୟାଳୟ ସମେତ ଗ୍ରାମବାସୀ ବ୍ୟବହାର କରୁଥିଲେ। ଏବେ ବିଦ୍ୟାଳୟ ଛୁଟିଥିବାରୁ ଗ୍ରାମବାସୀ ସେଠାରୁ ପାନୀୟ ଜଳ ନେଇ ନ ପାରି ହଇରାଣ ହେଉଛନ୍ତି ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଣିକ ଗୁଷ୍ଟା କହିଛନ୍ତି। ପଞ୍ଚାୟତରେ ନଳକୂପ ସଜାଡ଼ିବା ପାଇଁ ଏସିଏମ୍, ବ୍ଲକ ଗ୍ରାମ୍ୟ ଜଳଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁ ଚରଣ ସେଠୀଙ୍କୁ ପଚାରିବାରୁ ସେ କହିଲେ, ଭୂତଳ ଜଳସ୍ତର କମୁଥିବାରୁ ନଳକୂପଗୁଡ଼ିକ ଅଚଳ ହୋଇପଡୁଛି। ପାଡୁଆ ବଜାର ପାନୀୟଜଳ ପ୍ରକଳ୍ପ ମରାମତି କରାଯିବ। ଉପରସାହିର ନୂତନ ପ୍ରକଳ୍ପକୁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯାଇ କାର୍ଯ୍ୟକ୍ଷମ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ କହିଥିଲେ।



ଅଚଳ ନଳକୂପ ଓ କୂଅ ।

